e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୨୧ • ୧୬ ଫେବୃୟାରୀ ୨୦୨୪, ଶୁକ୍ରବାର • ଭୁବନେଶ୍ୱର • Vol -31 • Issue-21 • 16th February 2024, Friday • Bhubaneswar | Licensed to post without pre-payment of postage No- BN-60/22-24


ଦମ୍ ଦେଖାଇଲେ ରୋହିତ, ଜାଡ଼େଜା ଓ ସର୍ଫରାଜ : ପ୍ରଥମ ଦିନରେ ଭାରତ ୩୨୬/୫








## ବାଗ୍‌ଚୀ ଶ୍ରୀ ଶଙ୍କର କ୍ୟାନସର ହସ୍ପିଟାଲ ଓ ଗବେଷଣା ପ୍ରତିଷ୍ଠାନ ଉଦ୍‌ଘାଟିତ

ଭୁବନେଶ୍ୱର, ୧୫।୨
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭୁବନେଶ୍ୱରଠାରେ ବାଗ୍‌ଚୀ ଶ୍ରୀ ଶଙ୍କର କ୍ୟାନସର ହସ୍ପିଟାଲ ଓ ଗବେଷଣା ପ୍ରତିଷ୍ଠାନକୁ ଉଦ୍‌ଘାଟନ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଦେଶର ଅନ୍ୟତମ ଅଗ୍ରଣୀ କ୍ୟାନସର ଚିକିତ୍ସା ପ୍ରତିଷ୍ଠାନ ବାଙ୍ଗାଲୋରର ଶ୍ରୀ ଶଙ୍କର କ୍ୟାନସର ହସ୍ପିଟାଲ ଓ ଗବେଷଣା କେନ୍ଦ୍ରର ସହଯୋଗରେ ଏହା ପ୍ରତିଷ୍ଠା କରାଯାଇଛି। ୭୫୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲରେ ଦୈନିକ ୩୦୦ ରୋଗୀଙ୍କୁ ଅତ୍ୟାଧୁନିକ ରେଡିଓଥେରାପି ସହିତ ୧୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ପାଇଁ କେମୋଥେରାପି ନେବାର ସୁବିଧା କରାଯାଇଛି । ଏହି ହସ୍ପିଟାଲ ହେଉଛି ସୁବ୍ରତ ବାଗ୍‌ଚୀ ଓ ସୁସ୍ମିତା ବାଗ୍‌ଚୀଙ୍କର ଓଡ଼ିଶା ପାଇଁ ମହତ୍ତ୍ୱପୂର୍ଣ୍ଣ ଅବଦାନ।




ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହି ହସ୍ପିଟାଲ ଓଡ଼ିଶା ତଥା ପୂର୍ବ ଭାରତରେ କ୍ୟାନସର ରୋଗୀଙ୍କୁ ଗୁଣାତ୍ମକ ମାନର ଓ ସୁଲଭ ଖର୍ଚ୍ଚରେ ଚିକିତ୍ସା ପ୍ରଦାନ କରି କ୍ୟାନସର ଚିକିତ୍ସା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବ ଏବଂ ଏହି ହସ୍ପିଟାଲ ମାଧ୍ୟମରେ ରାଜ୍ୟର ଏକ ତୃତୀୟାଂଶ କ୍ୟାନସର ରୋଗୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ ।

ବାଗ୍‌ଚୀ ପରିବାର ଓ ଶ୍ରୀ ଶଙ୍କର କ୍ୟାନସର ସେଣ୍ଟରର ଏହି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ *(ପୃଷ୍ଠା ୭ରେ)*

### ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

## ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନର ସହ କରାଯିବ

ଭୁବନେଶ୍ୱର, ୧୫।୨
ନ୍ୟୁଜ୍ ବ୍ୟୁରୋ

ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଉଥିବା ବ୍ୟକ୍ତିଙ୍କ ତ୍ୟାଗ ଓ ସାହସର ସ୍ୱୀକୃତି ସ୍ୱରୂପ ସେମାନଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନର ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଘୋଷଣା କରିଛନ୍ତି । ଏହା ଦ୍ୱାରା ଅଙ୍ଗଦାନ କ୍ଷେତ୍ରରେ ବ୍ୟାପକ ସଚେତନତା ଆସିବା ସହିତ ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଏହା ସମାଜକୁ ପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ଅଙ୍ଗଦାନ ଏକ ମହତ ଦାନ । ମସ୍ତିଷ୍କ ମୃତ୍ୟୁ ଘଟୁଥିବା ଲୋକଙ୍କ କ୍ଷେତ୍ରରେ ସେମାନଙ୍କ ଆତ୍ମୀୟମାନେ ସାହସିକ ନିଷ୍ପତ୍ତି ନେଇ ଅଙ୍ଗଦାନ ପାଇଁ ସ୍ୱୀକୃତି ପ୍ରଦାନ କରି ଅନ୍ୟମାନଙ୍କ ଜୀବନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ।



ରାଜ୍ୟ ସରକାର ଏହି ଅଙ୍ଗ ପ୍ରତ୍ୟାରୋପଣ ପ୍ରକ୍ରିୟାକୁ ଅଧିକ ସୁଗମ କରିବା ପାଇଁ ୨୦୧୯ ମସିହାରେ ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ (ଏସ୍‌ଓଟିଟିଓ)ପ୍ରତିଷ୍ଠା କରିଛନ୍ତି। ଅଙ୍ଗଦାନକୁ ଉତ୍ସାହିତ କରିବା ପାଇଁ ଓଡିଶା ସରକାର ୨୦୨୦ରୁ ସୁରଜ ପୁରସ୍କାର ଆରମ୍ଭ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳର ସୁରଜଙ୍କ ନାମରେ ଏହି ପୁରସ୍କାର ପ୍ରଚଳନ କରାଯାଇଛି। ସଡକ ଦୁର୍ଘଟଣାରେ ଗୁରୁତର ଆହତ ସୁରଜଙ୍କ ମସ୍ତିଷ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ସୁରଜଙ୍କର ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକ ୬ ଜଣ ଲୋକଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥିଲା। ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ *(ପୃଷ୍ଠା ୭ରେ)*

## ଆଜିଠୁ ଯୁକ୍ତ ଦୁଇ ପରୀକ୍ଷା

ଭୁବନେଶ୍ୱର, ୧୫।୨
ନ୍ୟୁଜ୍ ବ୍ୟୁରୋ

ଆସନ୍ତାକାଲିଠୁ ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଆରମ୍ଭ ହେବ। ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରଛାତ୍ରୀ ଦେବେ ସାହିତ୍ୟ ପରୀକ୍ଷା। ୧୭ରୁ ଯୁକ୍ତ ଦୁଇ କଳା ଓ ବାଣିଜ୍ୟ ପରୀକ୍ଷା ଆରମ୍ଭ ହେବ। ଚଳିତ ବର୍ଷ ୩ଲକ୍ଷ ୮୪ ହଜାର ୯୭ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛି ଯୁକ୍ତ ଦୁଇ ପରିଷଦ। ପରୀକ୍ଷା ପାଇଁ ଅଧଘଣ୍ଟା ଆଗରୁ ଛାତ୍ରଛାତ୍ରୀମାନେ କେନ୍ଦ୍ରରେ ପହଞ୍ଚିବେ। ୧୫ ମିନିଟ ପୂର୍ବରୁ ହଲ ପ୍ରବେଶ ସହ ୧୦ ମିନିଟ ପୂର୍ବରୁ ଖାତା ପାଇବେ। ୫ ମିନିଟ ପୂର୍ବରୁ ମିଳିବ ପ୍ରଶ୍ନପତ୍ର। ଉତ୍ତର ଖାତାର ସିରିୟଲ ନମ୍ବର ଏବଂ ପୃଷ୍ଠା ସଂଖ୍ୟା ଭଲଭାବରେ ଦେଖିବାକୁ ପଡ଼ିବ। ତ୍ରୁଟି ଥିଲେ ତୁରନ୍ତ ଜଣାଇବାକୁ ପରାମର୍ଶ ଦିଆଯାଇଛି। ପ୍ରଶ୍ନ ପତ୍ରରେ ପୃଷ୍ଠା *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


## ଆମ ବସ୍ ଷ୍ଟାଣ୍ଡ ଯୋଜନାରେ ୨୦ ବସ୍ ଷ୍ଟାଣ୍ଡ ଲୋକାର୍ପିତ



ଭୁବନେଶ୍ୱର, ୧୫।୨ : ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଆମ ବସ୍ ଷ୍ଟାଣ୍ଡ ଯୋଜନାରେ ୧୩ଟି ଜିଲ୍ଲାରେ ୨୦ଟି ନବନିର୍ମିତ ବସ୍ ଷ୍ଟାଣ୍ଡ ଉଦ୍‌ଘାଟନ କରିଛନ୍ତି । ଏହି ଜିଲ୍ଲା ଗୁଡିକ ହେଲା- ଅନୁଗୋଳ, ବାଲେଶ୍ୱର, ବୌଦ୍ଧ, ଢେଙ୍କାନାଳ, ଗଜପତି, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ନୟାଗଡ, ନୂଆପଡା, ରାୟଗଡା, ସମ୍ବଲପୁର ଓ ସୁବର୍ଣ୍ଣପୁର।

ଉଦ୍‌ଘାଟନ ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯୋଗାଯୋଗ ହେଉଛି ବିକାଶର ଆଧାର । ଏହା ହେଉଛି ଆମ ଅର୍ଥନୀତିର ମୁଖ୍ୟ ଶକ୍ତି। ଗାଁଠୁ ସହର ସବୁଆଡେ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆମର ଲକ୍ଷ୍ୟ ରହିଛି । ୫-ଟି ଉପକ୍ରମରେ ଆମର ଯୋଗାଯୋଗ ଭିତ୍ତିଭୂମି ଓ ସାଧାରଣ ପରିବହନର ବ୍ୟବସ୍ଥାର ବିକାଶ କରାଯାଉଛି। ଗାଁକୁ ଲକ୍ଷ୍ମୀ ଯୋଜନାରେ ବ୍ଲକ ସହ ଯୋଡା ଯାଉଛି। ଭୁବନେଶ୍ୱରରେ ମେଟ୍ରୋ ରେଳ ଯୋଜନା ଆରମ୍ଭ ହୋଇଛି ବୋଲି କହି ଯୋଗାଯୋଗରେ ଉନ୍ନତି ହେଲେ ଲୋକଙ୍କ ରୋଜଗାର ବଢିବା ସହ ଭାଇ ଭଉଣୀମାନେ ଲାଭବାନ *(ପୃଷ୍ଠା ୭ରେ)*

## ରାଜ୍ୟସଭା ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କଲେ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର, ୧୫।୨ : ନ୍ୟୁଜ୍ ବ୍ୟୁରୋ



ରାଜ୍ୟସଭା ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କଲେ ଅଶ୍ୱିନୀ ବୈଷ୍ଣବ। ବିଜେପିରୁ ରାଜ୍ୟସଭା ପ୍ରାର୍ଥୀ ହୋଇଛନ୍ତି ଅଶ୍ୱିନୀ ବୈଷ୍ଣବ। ତାଙ୍କୁ ସମର୍ଥନ ଘୋଷଣା କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସମର୍ଥନ ଘୋଷଣା କରିଛି ବିଜେଡି।

ତେବେ ଓଡ଼ିଶାର ସ୍ୱାର୍ଥ ସହ କୌଣସି ସାଲିସ କରାଯିବନି । ସଂଘୀୟ ବ୍ୟବସ୍ଥାରେ ବିକାଶ ପ୍ରକ୍ରିୟା ଜାରି ରହିବ । ଏହି କାରଣରୁ ଅଶ୍ୱିନୀଙ୍କୁ ସମର୍ଥନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ରାଜ୍ୟରେ ରେଳ ଓ ଟେଲିକମ ସେବାର ବୃହତ୍ତର ବିକାଶ ପାଇଁ ଦଳ ସମର୍ଥନ କରିଛି। ବିଜେପିରୁ ଅଶ୍ୱିନୀଙ୍କୁ ଜିତିବାକୁ ହେଲେ ୩୭ ବିଧାୟକଙ୍କ ସମର୍ଥନ ଆବଶ୍ୟକ। ବିଜେପି ପାଖରେ ଅବଶ୍ୟ ସଂଖ୍ୟା ନାହିଁ। ବିଜେପିର ବର୍ତ୍ତମାନ ୨୨ ଜଣ ବିଧାୟକ ଅଛନ୍ତି।

୨୦୧୯ରେ ବିଜେଡି ସମର୍ଥନରେ ରାଜ୍ୟସଭାକୁ ଯାଇଥିଲେ ଅଶ୍ୱିନୀ । ୨୦୨୧ ମସିହା ଜୁଲାଇ ମାସରେ ମୋଦି ସରକାରଙ୍କ କ୍ୟାବିନେଟ ଅଦଳବଦଳରେ ଅଶ୍ୱିନୀ ବୈଷ୍ଣବଙ୍କୁ *(ପୃଷ୍ଠା ୭ରେ)*

## ଆଜି ମାଘ ସପ୍ତମୀ: ଚନ୍ଦ୍ରଭାଗାରେ ବୁଡ଼ ପକାଇବାକୁ ଲାଗିଛି ଭିଡ଼



କୋଣାର୍କ, ୧୫।୨ : ନ୍ୟୁଜ୍ ବ୍ୟୁରୋ

ମାଘ ସପ୍ତମୀ ପାଇଁ ଚଳଚଞ୍ଚଳ ଚନ୍ଦ୍ରଭାଗା ପୀଠ। ପ୍ରତ୍ୟୁଷରୁ ହେବ ଚନ୍ଦ୍ରଭାଗା ବୁଡ । ୩ ଠାକୁରଙ୍କ ମହାସ୍ନାନ ଓ ନୀତିକାନ୍ତି ପରେ ଚନ୍ଦ୍ରଭାଗାରେ ବୁଡ ପକାଇବେ ସାଧୁସନ୍ଥ ଓ ଭକ୍ତ। ଆଜିଠାରୁ କୋଣାର୍କରେ ଲାଗିଲାଣି ଲକ୍ଷାଧିକ ଭକ୍ତଙ୍କ ସମାଗମ । ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ବୁଡ ପାଇଁ ପ୍ରଶାସନ ପକ୍ଷରୁ କରାଯାଇଛି ବ୍ୟାପକ ବ୍ୟବସ୍ଥା।

ପରମ୍ପରା ଅନୁଯାୟୀ ମାଧିପୁରର ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର ମହାଦେବ, ସନ୍ଥପୁରର ଶ୍ରୀ ଶ୍ରୀ ଐଶାନ୍ୟଶ୍ୱର ମହାଦେବ ଓ କୁରୁଜଙ୍ଗର ଶ୍ରୀ ଶ୍ରୀ ଦକ୍ଷିଣେଶ୍ୱର ମହାଦେବ। ୩ ଠାକୁରଙ୍କ ଚନ୍ଦ୍ରଭାଗା ତୀର୍ଥରେ ମହାସ୍ନାନ ଓ ନୀତିକାନ୍ତି ପରେ ସାଧୁସନ୍ଥ ଓ ଭକ୍ତ ବୁଡ ପକାଇବେ। ପୌରାଣିକ ମତାନୁସାରେ ମାଘ ସପ୍ତମୀ ଦିନ କୃଷ୍ଣଙ୍କ ପୁତ୍ର ଶାମ୍ବ ଚନ୍ଦ୍ରଭାଗା ନଦୀ ତଟରେ ତପସ୍ୟା କରି ଅଭିଶାପ ଜନିତ ରୋଗରୁ ମୁକ୍ତ ହୋଇଥିଲେ । ତେଣୁ ଶ୍ରଦ୍ଧାଳୁ ନିଜ ପରିବାରକୁ ରୋଗ ମୁକ୍ତ *(ପୃଷ୍ଠା ୭ରେ)*




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୨୧ ● ୧୬ ଫେବୃୟାରୀ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-21 ● 16th February 2024, Friday ● Bhubaneswar

Licensed to post without pre-payment of postage No- BN-60/22-24


## ବ୍ରିଜ୍ ଭୂଷଣଙ୍କ ପୁଅକୁ ଖୋଲାଖୋଲି ଧମକ୍ ଦେଲେ ବଜରଂ ପୁନିଆ






ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ରସୁଣ ପାଇଁ ଅନ୍ୟ ରାଜ୍ୟକୁ ନିର୍ଭର କରୁଛି ଓଡ଼ିଶା

କେତେବେଳେ ପିଆଜ ତ ଆଉ କେତେବେଳେ ରସୁଣ ଖାଉଟିଙ୍କୁ କନ୍ଦାଉଛି । ଏବେ ରସୁଣ ଦର ଯାହା ହେଲାଣି ଖାଉଟି ୧୦୦ ଗ୍ରାମ ରସୁଣ କିଣିବା ବେଳେ ବି ଅନେକ ଥର ଚିନ୍ତା କରୁଛନ୍ତି । ୧୫ଦିନ ଭିତରେ ରସୁଣ ଦାମ ଆକାଶ ଛୁଆଁ । ବଜାରରେ ରସୁଣ ପ୍ରାୟ ଉଭାନ ଭଳି ସ୍ଥିତି । ଯାହା କିଛି ରସୁଣ ମିଳୁଛି ସେଥିରେ ହାତ ମାରିହେଉନି । ଦାମ ଶୁଣି କିଣିବାକୁ ଡରୁଛନ୍ତି ଖାଉଟି । ଏବେ କିଲୋ ପିଛା ୪୦୦ରୁ ୫୦୦ ଟଙ୍କାରେ ବିକ୍ରି ହେଉଛି ରସୁଣ । ୧୦୦ ଗ୍ରାମ ରସୁଣ ଆଣିଲେ ୫୦ ଟଙ୍କା ପଡୁଛି । ଫଳରେ ଖାଉଟିଙ୍କୁ ପକେଟ୍ରୁ ଏହା ବାଧୁଛି । କେବଳ ଦର ବଢ଼ିନି ପର୍ଯ୍ୟାପ୍ତ ପରିମାଣରେ ରସୁଣ ମଧ୍ୟ ଉପଲବ୍ଧ ହେଉନାହିଁ । ଖୁଚୁରା ବ୍ୟବସାୟୀମାନେ ଏତେ ଦାମ୍ ଥିବାରୁ କିଣିବାକୁ ଭୟ କରୁଛନ୍ତି । ଏପଟେ ବଜାରକୁ ନୂଆ ରସୁଣ ଆସିବାକୁ ଆହୁରି ୧୫ଦିନ ଲାଗିପାରେ । ସ୍ଥିତି ବିଗିଡ଼ି ରହିଥିବା ବେଳେ ଦାମ୍ ଆହୁରି ବୃଦ୍ଧି ପାଇବ ବୋଲି ବ୍ୟବସାୟୀମାନେ କହିଛନ୍ତି । ଓଡ଼ିଶା ରସୁଣ ପାଇଁ କାନପୁର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ସହ ଅନ୍ୟ କିଛି ରାଜ୍ୟ ଉପରେ ନିର୍ଭର କରୁଛି । ରାଜ୍ୟରେ ରସୁଣ ଉତ୍ପାଦନ ଅପେକ୍ଷାକୃତ କମ୍ । ବର୍ତ୍ତମାନ ଅମଳ ସମୟ । ଏବେ ରସୁଣର ଦାମ୍ କେଜି ପିଛା ୫୦ଟଙ୍କା ରହିବା କଥା । ମାତ୍ର ଦର ଏବେ ୫୦୦ଟଙ୍କାକୁ ବଢ଼ି ଯାଇଛି । ଗତବର୍ଷ ଏହି ସମୟରେ ୫୦ଟଙ୍କାରେ ରସୁଣ ମିଳୁଥିଲା । କର୍ପୋରେଟ୍ ହାଉସ୍ ଏଭଳି ଦାମ୍ ବୃଦ୍ଧି କରିବାର ମୁଖ୍ୟ କାରଣ । ଉତ୍ପାଦନ କମିଲେ ୪ରୁ ୫ପ୍ରତିଶତ ଦରବୃଦ୍ଧି ଘଟେ କିନ୍ତୁ ୪୦୦ରୁ ୫୦୦ ପ୍ରତିଶତ ଦର ବୃଦ୍ଧି ଘଟେ ନାହିଁ । କୁବେରପୁରୀ ବ୍ୟବସାୟୀ ସଂଘ ସଭାପତି ଶକ୍ତି ଶଙ୍କର ମିଶ୍ର କହିଛନ୍ତି, ଗୁଜରାଟର ଜାମନଗରରୁ ରସୁଣ ଆସୁଥିଲା, ଯାହା ବର୍ତ୍ତମାନ ସରିବାକୁ ବସିଲାଣି । ବର୍ତ୍ତମାନ ନୂଆ ରସୁଣ ଇନ୍ଦୋର, ନାଗପୁର ଓ ୟୁପିରୁ ଅମଳ ହେଉଛି । ସେଠି ବର୍ତ୍ତମାନ ନୂଆ ରସୁଣ ୩୦୦ଟଙ୍କାରେ ବିକ୍ରି ହେଉଛି । ଆଇଗିଣିଆରେ କିଲୋ ପିଛା ପାଇକାରୀ ଦର ୩୫୦ ଟଙ୍କା ରହିଛି । ତେବେ ଖୁଚୁରା ବଜାରରେ ଦର ଅଧିକ କରି ବିକ୍ରି କରୁଛନ୍ତି । ଓଡ଼ିଶାରେ ଖୁଚୁରା ଦର ନିୟନ୍ତ୍ରଣ ଲାଗି କୌଣସି ଆଇନ୍ ନାହିଁ । ଫଳରେ ଏମିତି ସ୍ଥିତି ବିଗିଡିଛି । ଖୁଚୁରା ବେପାରୀ କମ୍ରେ କିଣି ଚଢ଼ା ଦର କଷୁଛନ୍ତି । ଯାହା ଦ୍ୱାରା ଖାଉଟିଙ୍କ ପକେଟ୍ରୁ ବାଧୁଛି । ଛତିଶଗଡ଼, ମହାରାଷ୍ଟ୍ର, ଇନ୍ଦୋରରୁ ରସୁଣ ଉତ୍ପାଦନ ହେଲେ ଆଗାମୀ ୮ରୁ ୧୫ଦିନ ଭିତରେ ଦର୍ ସ୍ୱାଭାବିକ୍ ହେବାର ସମ୍ଭାବନା ରହିଛି । ଏପଟେ ଦୁଇମାସ ପରେ ରାଜସ୍ଥାନରୁ ରସୁଣ ଆସିବ । ଏହି ସମୟ ବେଳକୁ ସ୍ଥିତିରେ ସୁଧାର ଆସିପାରେ । ଏବେ ବଜାରରେ ରସୁଣ ମିଳୁନି । ଫଳରେ କେଜି ପିଛା ୫୦୦ ଟଙ୍କାରେ ବିକ୍ରି ହେଉଛି । ଏମିତିକି ନୂଆ ରସୁଣ ଦାମ୍ ବି ୪୦୦ଟଙ୍କା । ନୂଆ ରସୁଣ କମ୍ ଆସୁଛି, ଅଧିକ ରଖିଲେ ପଚିଯିବାର ସମ୍ଭାବନା ରହୁଛି । ବଜାରକୁ ଅଧିକ ରସୁଣ ନ ଆସିବା ଯାଏ ଦର ଚଢ଼ା ରହିବ ।

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୨୪



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଶ୍ରୀରାମଙ୍କ ରାଜ୍ୟାଭିଷେକ ନିମନ୍ତେ ମହେନ୍ଦ୍ର ଗିରୀରେ ତପସ୍ୟା କରୁଥିବା ଜମଦଗ୍ନୀଙ୍କ ପୁତ୍ର ପର୍ଶୁରାମଙ୍କଠାରୁ ଆରମ୍ଭ କରି ସହସ୍ର ସହସ୍ର ତପସ୍ୱୀ, ସନ୍ୟାସୀ, ସିଦ୍ଧ ସାଧକ, ବେଦଜ୍ଞ ବ୍ରାହ୍ମଣମାନଙ୍କ ସମେତ ସମସ୍ତ ରାଜ୍ୟର ରାଜା ଓ ରାଜକୁମାରମାନଙ୍କୁ ନିମନ୍ତ୍ରଣ କରାଯିବ ବୋଲି ନିଷ୍ପତ୍ତି ନେଇସାରିବେଣି । କିନ୍ତୁ ଜାଣିଛୁ ଶାରୀ, ଯେଉଁଦିନ ଜ୍ୟେଷ୍ଠ ରାଜକୁମାର ରାମ ରାଜାହେବେ, ଠିକ୍ ସେହିଦିନଠାରୁ ମାତ୍ର କେତୋଟି ଦିନ ଭିତରେ ଯାହାଘଟିବ ତାହା କହିବାକୁ ମୋର ସାହସ କୁଳଉ ନାହିଁ ।'' ଶାରୀ ପଚାରିଲା ' ସ୍ୱାମୀ କ'ଣ ହେବ ରାମଙ୍କର ?'' ଶୁଆ କହିଲା '' ନା ସେକଥା ମୁଁ ତୁଣ୍ଡରେ ଧରି ପାରୁନି ଶାରୀ । ସେ ଭୟାନକ ଅମଙ୍ଗଳର କଥା ।'' ଶାରୀ କହିଲା 'ମୁଁ ବୁଝି ଗଲଣି ସେ କଥା । ସେ କଥା ଆଉ ତୁଣ୍ଡରେ ଧରନା'' ପୁନର୍ବାର ଶୁଆ କହିଲା ' ମୁଁ ଖୋଲି କହି ଦେଉଛି ଶୁଣୁ '' ଯେଉଁ ଦିନ ଜ୍ୟେଷ୍ଟ ରାଜକୁମାର ରାମ ରାଜା ହେବେ, ଠିକ୍ ସେହି ଦିନଠାରୁ ମାତ୍ର ସାତଦିନ ଭିତରେ ଯାହା ଘଟିଯିବ ତାହା ହେବ ସୂର୍ଯ୍ୟବଂଶର ସବୁଠାରୁ କଳଙ୍କମୟ ଘଟଣା ।'' ଶାରୀ କହିଲା ''ଯେଉଁ ରାମଚନ୍ଦ୍ରଙ୍କର ରୂପକାନ୍ତି ଶତଶତ ଚନ୍ଦ୍ରମାର ଶାନ୍ତ ଶୀତଳତାକୁ ନିନ୍ଦାକରି ଦେଉଛି ଯାହାଙ୍କର ସମ୍ମୁଖରେ ଜଗତର ସମସ୍ତ ଦୁର୍ଲ୍ଲଭ ଐଶ୍ୱର୍ଯ୍ୟ ମଳିନ ପଡିଯାଆନ୍ତି, ସେ ଭଳି ରାଜକୁମାରଙ୍କର ଅବସ୍ଥା ଯଦି ଏତେ ଭୟାନକ ହେବ, ତେବେ ସେ ରାଜା ହେବାରେ କେଉଁ ସାର୍ଥକତା ଅଛି ? କିଏ କାହାର ଏ ଦୁନିଆରେ ?'' ଶୁଆ ଶାରୀଙ୍କର ଏହି କଥୋପକଥନ ଶୁଣି ମୁଁ ହତ୍‌ବାକ୍ ହୋଇଗଲି । ଶୁଖିଲା ବରଡାପତ୍ର ଭଳି ମୋ ଦେହ ଥରି ଉଠୁଥାଏ । ମୋ କପାଳରୁ ଝରି ପଡୁଥାଏ ଶ୍ରମ ଝାଳ । ମୁଣ୍ଡ ମୋର ଏପରି ବିଚଳିତ ହୋଇ ଯାଉଥାଏ ଯେ ସତେଯେପରି ସେହି ବୃକ୍ଷତଳେ ମୋର ପ୍ରାଣ ଛାଡିଯିବା ଭଳି ଲାଗୁଥାଏ । ମୋର ଆଖିରୁ ଲୁହ ଗୁଡାକ ଝରି ମୋ କୋଳରେ ଘୋର ନିଦ୍ରିତ ଅବସ୍ଥାରେ ଥିବା ଦଶରଥଙ୍କ ବକ୍ଷକୁ ସମ୍ପୂର୍ଣ୍ଣ ଭିଜେଇ ସାରିଲାଣି । ମୁଁ ସେହିଠାରେ ଶପଥ କଲି ଯେ କୌଣସି ବି ପରିସ୍ଥିତିରେ ମଧ୍ୟ ମୋର ଜୀବନ ସର୍ବସ୍ୱ ରାମକୁ ରାଜା କରାଇ ଦେବି ନାହିଁ । (କ୍ରମଶଃ)

# ଭାରତର ନଦୀ ସଂଯୋଗୀକରଣ



ବିଷ୍ଣୁ ପ୍ରସାଦ ଦାସ
ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା
ମୋ: ୯୯୩୭୧୭୪୦୯୭

ନଦୀ ସଂଯୋଗୀକରଣର ମୂଳ ଲକ୍ଷ୍ୟ ହେଲା ଚିରସ୍ରୋତା ନଦୀର ଅନାବଶ୍ୟକ ଜଳକୁ ସମୁଦ୍ର ଗର୍ଭକୁ ନ ଛାଡି ଯଦି ସଂଯୋଗୀକରଣ ପ୍ରକ୍ରିୟାରେ ଶୁଷ୍କ ନଦୀ ମଧ୍ୟ ଦେଇ ପ୍ରବାହିତ କରାଯାଇ ପାରନ୍ତା ତେବେ ଶୁଷ୍କ ନଦୀ ଗୁଡ଼ିକରୁ ଜଳ ନେଇ ବିଭିନ୍ନ କାର୍ଯ୍ୟରେ ବିନିଯୋଗ କରାଯାଇ ପାରନ୍ତା । କୃଷି, ଶିଳ୍ପ, ବିଦ୍ୟୁତ୍ ଉତ୍ପାଦନ , ମାଛ ଚାଷ , ଆନ୍ତଃରାଜ୍ୟ ଜଳ ପରିବହନ ଇତ୍ୟାଦି ପାଇଁ ଉପଯୁକ୍ତ ବିବେଚିତ ହୋଇ ପାରନ୍ତା । ତେବେ ଏହା କିପରି ସମ୍ଭବ ହେବ? ସରକାରଙ୍କ ପଦକ୍ଷେପ କ'ଣ ରହିଛି ଏହି ବିଷୟରେ କିଞ୍ଚିତ ଜ୍ଞାନରୁ ଲେଖୁଛି । ଭାରତ ପୃଥିବୀରେ ଏକ ବିକଶିତ ରାଷ୍ଟ୍ର ଭାବେ ପରିଗଣିତ ହେଉଛି, ନଦୀ ସଂଯୋଗୀକରଣ ଯଦି ହୋଇଯାଏ ତେବେ ଆଗାମୀ ଦଶକରେ ଆମେ ପୃଥିବୀର ଶ୍ରେଷ୍ଠ ରାଷ୍ଟ୍ର ରୂପେ ପରିଗଣିତ ହେବା, ଏଠାରେ ବିବିଧତାରେ ଏକତା ଦେଖିବାକୁ ମିଳେ । ବର୍ଷ ବର୍ଷ ଧରି ନଦୀ ଜଳକୁ ନେଇ ରାଜ୍ୟ ରାଜ୍ୟ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ, ଜଳ ଟ୍ରିବ୍ୟୁନାଲରେ ଚାଲିଥିବା ବିଚାର ପ୍ରକ୍ରିୟାର ଆଉ ଆବଶ୍ୟକତା ପଡିବ ନାହିଁ , ପ୍ରତ୍ୟେକ ରାଜ୍ୟ ଉପଯୁକ୍ତ ଚାହିଦା ଅନୁଯାୟୀ ଜଳ ନିଶ୍ଚିତ ଭାବେ ପାଇବେ ଏଥିରେ ଆଦୌ ସନ୍ଦେହ ନାହିଁ । ତେବେ ଏହି ସଂଯୋଗୀ କରଣ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଅନେକ ଅର୍ଥର ଆବଶ୍ୟକତା ସହିତ ଦଳ, ବଳ ନିର୍ବିଶେଷରେ ସମସ୍ତଙ୍କର ସହଯୋଗ କିଛିଟା ତ୍ୟାଗର ମଧ ଆବଶ୍ୟକତା ରହିଛି । କେନ୍ଦ୍ର ସରକାରଙ୍କ ନଦୀ ସଂଯୋଗୀକରଣ ପ୍ରକ୍ରିୟା ( ରିଭର୍ ଇଣ୍ଟର୍ ଲିଙ୍କ ପ୍ରୋଜେକ୍ଟ ) ଦ୍ୱାରା ପ୍ରାୟ ୩୦ ଟି ନଦୀ ସଂଯୋଗୀକରଣ ପାଇଁ ସରକାର ବଦ୍ଧପରିକର । ୩୭ ଟି ନଦୀକୁ ୩୦ ଟି ଲିଙ୍କ ବା ସଂଯୋଗୀକରଣ ପ୍ରକ୍ରିୟାରେ ଯୋଡ଼ିବା ପାଇଁ ଏକ ଯୋଜନା ପ୍ରସ୍ତୁତ ହୋଇଛି । ଏହା ଦ୍ୱାରା ଭାରତରେ ଜଳ ସନ୍ତୁଳନ ବଜାୟ ରହିବ । ଅନେକ ନଦୀର ବଢି ସମୟର ଅତ୍ୟଧିକ ଜଳକୁ ଅନ୍ୟ ନଦୀ ଦେଇ ସାଗର ଗର୍ଭକୁ ଛାଡି ଦେଇ ହେବ । ପୃଥିବୀର ଜନ ସଂଖ୍ୟାର ୧୮ ପ୍ରତିଶତ ଭାରତରେ ଥିବା ସମୟରେ ମାତ୍ର ୪ ପ୍ରତିଶତ ଜଳ ଭାରତରେ ରହିଅଛି । ନଦୀ ସଂଯୋଗୀକରଣ ପ୍ରକ୍ରିୟା ଦୁଇ ଭାଗରେ ବିଭକ୍ତ ଯଥା ହିମାଳୟରୁ ପ୍ରବାହିତ ନଦୀ ଏବଂ ପ୍ରାୟଦ୍ୱୀପିୟ ନଦୀ ଗୁଡିକ ଅନ୍ତର୍ଭୁକ୍ତ ।

ଭାରତ ଗୋଟିଏ କୃଷି ପ୍ରଧାନ ଦେଶ , ଭାରତ ଭୂଖଣ୍ଡରେ ପ୍ରାୟ ୪୦୦ ଛୋଟ ବଡ଼ ନଦୀ ଦେଖିବାକୁ ମିଳେ । ତନ୍ମଧ୍ୟରୁ କିଛି ବଡ଼ ନଦୀ ହେଲେ ବ୍ରହ୍ମପୁତ୍ର, ଗଙ୍ଗା, ଯମୁନା, ଗୋଦାବରୀ, କାବେରୀ, ମହାନଦୀ, ନର୍ମଦା, କ୍ରିଷ୍ଣା, ତାପତି, ସିନ୍ଧୁ, ସାବରମତୀ ଇତ୍ୟାଦି । ଉତ୍ତର ଭାରତରୁ ତଥା ହିମାଳୟରୁ ପ୍ରବାହିତ ନଦୀ ଗୁଡିକ ଚିର ସ୍ରୋତା ଅଟନ୍ତି , ବର୍ଷ ସାରା ଏଥିରେ ଜଳ ପ୍ରବାହିତ ହେଉଥାଏ । ଏହି ନଦୀ ଗୁଡ଼ିକର ଅନାବଶ୍ୟକ ଜଳ ସମୁଦ୍ରକୁ ଚାଲିଯାଏ କିନ୍ତୁ ଅନ୍ୟ ନଦୀ ଗୁଡିକ କେବଳ ବର୍ଷା ଜଳ ଉପରେ ନିର୍ଭର କରେ, ବର୍ଷା ଦିନ ଛଡା ଅନ୍ୟ ଦିନ ଗୁଡିକ ଏହା ପ୍ରାୟ ଶୁଷ୍କ ରହିଥାଏ । ନଦୀ ସଂଯୋଗୀକରଣର ମୂଳ ଲକ୍ଷ୍ୟ ହେଲା ଚିରସ୍ରୋତା ନଦୀର ଅନାବଶ୍ୟକ ଜଳକୁ ସମୁଦ୍ର ଗର୍ଭକୁ ନ ଛାଡି ଯଦି ସଂଯୋଗୀକରଣ ପ୍ରକ୍ରିୟାରେ ଶୁଷ୍କ ନଦୀ ମଧ୍ୟ ଦେଇ ପ୍ରବାହିତ କରାଯାଇ ପାରନ୍ତା ତେବେ ଶୁଷ୍କ ନଦୀ ଗୁଡ଼ିକରୁ ଜଳ ନେଇ ବିଭିନ୍ନ କାର୍ଯ୍ୟରେ ବିନିଯୋଗ କରାଯାଇ ପାରନ୍ତା । କୃଷି, ଶିଳ୍ପ, ବିଦ୍ୟୁତ୍ ଉତ୍ପାଦନ , ମାଛ ଚାଷ , ଆନ୍ତଃରାଜ୍ୟ ଜଳ ପରିବହନ ଇତ୍ୟାଦି ପାଇଁ ଉପଯୁକ୍ତ ବିବେଚିତ ହୋଇ ପାରନ୍ତା । ତେବେ ଏହା କିପରି ସମ୍ଭବ ହେବ? ସରକାରଙ୍କ ପଦକ୍ଷେପ କ'ଣ ରହିଛି ଏହି ବିଷୟରେ କିଞ୍ଚିତ ଜ୍ଞାନରୁ ଲେଖୁଛି ।

ଭାରତ ପୃଥିବୀରେ ଏକ ବିକଶିତ ରାଷ୍ଟ୍ର ଭାବେ ପରିଗଣିତ ହେଉଛି, ନଦୀ ସଂଯୋଗୀକରଣ ଯଦି ହୋଇଯାଏ ତେବେ ଆଗାମୀ ଦଶକରେ ଆମେ ପୃଥିବୀର ଶ୍ରେଷ୍ଠ ରାଷ୍ଟ୍ର ରୂପେ ପରିଗଣିତ ହେବା, ଏଠାରେ ବିବିଧତାରେ ଏକତା ଦେଖିବାକୁ ମିଳେ । ବର୍ଷ ବର୍ଷ ଧରି ନଦୀ ଜଳକୁ ନେଇ ରାଜ୍ୟ ରାଜ୍ୟ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ, ଜଳ ଟ୍ରିବ୍ୟୁନାଲରେ ଚାଲିଥିବା ବିଚାର ପ୍ରକ୍ରିୟାର ଆଉ ଆବଶ୍ୟକତା ପଡିବ ନାହିଁ , ପ୍ରତ୍ୟେକ ରାଜ୍ୟ ଉପଯୁକ୍ତ ଚାହିଦା ଅନୁଯାୟୀ ଜଳ ନିଶ୍ଚିତ ଭାବେ ପାଇବେ ଏଥିରେ ଆଦୌ ସନ୍ଦେହ ନାହିଁ । ତେବେ ଏହି ସଂଯୋଗୀ କରଣ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଅନେକ ଅର୍ଥର ଆବଶ୍ୟକତା ସହିତ ଦଳ, ବଳ ନିର୍ବିଶେଷରେ ସମସ୍ତଙ୍କର ସହଯୋଗ କିଛିଟା ତ୍ୟାଗର ମଧ ଆବଶ୍ୟକତା ରହିଛି ।

କେନ୍ଦ୍ର ସରକାରଙ୍କ ନଦୀ ସଂଯୋଗୀକରଣ ପ୍ରକ୍ରିୟା ( ରିଭର୍ ଇଣ୍ଟର୍ ଲିଙ୍କ ପ୍ରୋଜେକ୍ଟ ) ଦ୍ୱାରା ପ୍ରାୟ ୩୦ ଟି ନଦୀ ସଂଯୋଗୀକରଣ ପାଇଁ ସରକାର ବଦ୍ଧପରିକର । ୩୭ ଟି ନଦୀକୁ ୩୦ ଟି ଲିଙ୍କ ବା ସଂଯୋଗୀକରଣ ପ୍ରକ୍ରିୟାରେ ଯୋଡ଼ିବା ପାଇଁ ଏକ ଯୋଜନା ପ୍ରସ୍ତୁତ ହୋଇଛି । ଏହା ଦ୍ୱାରା ଭାରତରେ ଜଳ ସନ୍ତୁଳନ ବଜାୟ ରହିବ । ଅନେକ ନଦୀର ବଢି ସମୟର ଅତ୍ୟଧିକ ଜଳକୁ ଅନ୍ୟ ନଦୀ ଦେଇ ସାଗର ଗର୍ଭକୁ ଛାଡି ଦେଇ ହେବ । ପୃଥିବୀର ଜନ ସଂଖ୍ୟାର ୧୮ ପ୍ରତିଶତ ଭାରତରେ ଥିବା ସମୟରେ ମାତ୍ର ୪ ପ୍ରତିଶତ ଜଳ ଭାରତରେ ରହିଅଛି । ନଦୀ ସଂଯୋଗୀକରଣ ପ୍ରକ୍ରିୟା ଦୁଇ ଭାଗରେ ବିଭକ୍ତ ଯଥା ହିମାଳୟରୁ ପ୍ରବାହିତ ନଦୀ ଏବଂ ପ୍ରାୟଦ୍ୱୀପିୟ ନଦୀ ଗୁଡିକ ଅନ୍ତର୍ଭୁକ୍ତ । ପ୍ରଥମେ ଗଙ୍ଗା ଏବଂ ବ୍ରହ୍ମପୁତ୍ର ନଦୀ ଉପରେ ସହାୟକ ଡ୍ୟାମ୍ ତିଆରି କରାଯିବ ଏବଂ ଗଙ୍ଗା ସହିତ ଯମୁନା ନଦୀକୁ ଯୋଡ଼ା ଯିବ । ତପ୍ତରେ ଗଙ୍ଗା ଏବଂ ବ୍ରହ୍ମପୁତ୍ରକୁ ମହାନଦୀ ସହିତ ଯୋଡ଼ା ଯିବ । ଗଙ୍ଗାକୁ ସାବରମତୀ ଏବଂ ଚମ୍ବଲ ନଦୀ ସହିତ ମଧ୍ୟ ଯୋଡ଼ା ଯିବାର ବ୍ୟବସ୍ଥା ହେବ । ପ୍ରକଳ୍ପର ଦ୍ୱିତୀୟ ଚରଣରେ ଦକ୍ଷିଣ ଭାରତର ୧୬ ଟି ନଦୀର ସଂଯୋଗୀ କରଣ ହେବ । ମହାନଦୀ ଏବଂ ଗୋଦାବରୀ ନଦୀର ଅତିରିକ୍ତ ଜଳକୁ କ୍ରୀଷ୍ଣା, କାବେରୀ ଇତ୍ୟାଦି ଛୋଟ ବଡ଼ ନଦୀ ସହିତ ସଂଯୋଗ କରା ହେବା ।

ମୁମ୍ବାଇର ଉତ୍ତର ଭାଗରେ ଥିବା ତାପି ନଦୀକୁ ଦକ୍ଷିଣ ପର୍ଶ୍ଚିମ ଦିଗରେ ପ୍ରବାହିତ ହେଉଥିବା ନଦୀ ଗୁଡିକ ସହିତ ଯୋଡ଼ା ଯିବ । ପରବର୍ତ୍ତୀ ସମୟରେ ପର୍ଶ୍ଚିମ ଦିଗରେ ପ୍ରବାହିତ ହେଉଥିବା ନଦୀ ଗୁଡିକର ଜଳକୁ ପୂର୍ବ ଦିଗରେ ପ୍ରବାହିତ ନଦୀ ସହିତ ସଂଯୋଗ କରାଯିବ । ଏହି ପ୍ରକ୍ରିୟା କାର୍ଯ୍ୟକାରୀ ହେବାକୁ ଅନେକ ସମୟ ଲାଗି ପାରେ କିନ୍ତୁ ଏହାଦ୍ୱାରା ଦେଶର ଅନେକ ଲାଭ ହେବ ଏଥିରେ ସନ୍ଦେହ ନାହିଁ । ଏହି ପ୍ରକଳ୍ପ ଆଜିର ନୁହେଁ , ଏହାର ଇତିହାସକୁ ଯଦି ତର୍ଜମା କରିବା ତେବେ ଜାଣିବା ଯେ, ବ୍ରିଟିଶ ସରକାର ଥିବା ସମୟରେ ଆର୍ଥର କର୍ଟନ ନାମକ ଜଣେ ବ୍ରିଟିଶ ଜେନେରାଲ୍ ତଥା କୃଷି ଇଞ୍ଜିନିଅର ପ୍ରଥମେ ଭାରତରେ ନଦୀ ସଂଯୋଗୀକରଣ ପ୍ରସ୍ତାବ ଦେଇଥିଲେ, ତାଙ୍କର ଲକ୍ଷ୍ୟ ଥିଲା ଭାରତରେ କୃଷିର ଉନ୍ନତି ତଥା ଜଳ ସନ୍ତୁଳନ ବ୍ୟବସ୍ଥାର ଉନ୍ନତି । ସ୍ୱାଧୀନ ଭାରତରେ ଜଳ ସମ୍ପଦ ମନ୍ତ୍ରୀ ଡକ୍ଟର କେ : ଏଲ : ରାଓ ପ୍ରଥମେ ଜାତୀୟ ଜଳ ଗ୍ରୀଡ୍ କରିବା ସହିତ ବ୍ରହ୍ମ ପୁତ୍ର ଗଙ୍ଗା କୁ ଯୋଡି ଦକ୍ଷିଣ ଦିଗକୁ ମହାନଦୀ ସହିତ ଯୋଡି ଦକ୍ଷିଣ ଭାରତର ନଦୀ ଗୁଡିକୁ ମଧ୍ୟ ସଂଯୋଗ କରିବାର ପରିକଳ୍ପନା କରିଥିଲେ । ୧୯୮୦ ମସିହାରେ ଭାରତର ଜଳ ମନ୍ତ୍ରଣାଳୟ ଏକ ରିପୋର୍ଟ ପ୍ରକାଶ କରି ଜଳ ପରିଚାଳନାକୁ ଦୁଇ ଭାଗରେ ବିଭକ୍ତ କରି ହିମାଳୟ ରୁ ପ୍ରବାହିତ ହେଉଥିବା ନଦୀ ତଥା ଦ୍ୱିତୀୟରେ ପ୍ରାୟଦ୍ୱୀପିୟ ନଦୀ ସଂଯୋଗୀକରଣ ପ୍ରସ୍ତାବକୁ ଅନୁମୋଦନ ଦେବାକୁ ଚେଷ୍ଟା କରିଥିଲେ କିନ୍ତୁ ତାହା ଫାଇଲ ମଧ୍ୟରେ ଚାପି ହୋଇ ରହିଗଲା । ୨୦୦୫ ମସିହାରୁ ୨୦୧୩ ମସିହା ମଧ୍ୟରେ ଅନେକ କଳ୍ପନା ଜଳ୍ପନା ମନ୍ତ୍ରଣାଳୟ ସ୍ତରରେ ହୋଇଥିଲେ ମଧ ତାହାର କୌଣସି ସୁଫଳ ମିଳିଲା ନାହିଁ । କିନ୍ତୁ ୨୦୧୪ ସମୟରେ ମୋଦି ସରକାର ଏହାକୁ ଗୁରୁତ୍ୱ ଦେଇ ଏହି କାର୍ଯ୍ୟ ଉପରେ କିଛି ପଦକ୍ଷେପ ନେବାକୁ ଲାଗିଲେ ଏବଂ ଏହାକୁ ରାଷ୍ଟ୍ରୀୟ ପରିଯୋଜନା ର ନାମ ଦେଲେ । ଦୀର୍ଘ ବର୍ଷର ଯୋଜନା ପ୍ରଥମ ପର୍ଯ୍ୟାୟରେ ମୋଦି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଆରମ୍ଭ କରିଲା । କେନ ନଦୀ ଏବଂ ବେତବା ନଦୀ କୁ କେନାଲ ସାହାଯ୍ୟରେ ସଂଯୋଗୀକରଣ ଆରମ୍ଭ ହୋଇଛି । ଧୀରେ ଧୀରେ ଅନ୍ୟ ନଦୀ ଗୁଡିକ ମଧ୍ୟ କେନାଲ ଦ୍ୱାରା ସଂଯୁକ୍ତ ହେବ ଏଥିରେ କୋଣସି ସନ୍ଦେହ ନାହିଁ ।

ଦେଶର ପ୍ରଗତି ଜଳ ସୁପରିଚାଳନା ଦ୍ୱାରା ନିଶ୍ଚିତ ସମ୍ଭବ, ଜଳ ବିଦ୍ୟୁତ୍ ଉତ୍ପାଦନ ସହିତ ଜଳ ମାର୍ଗରେ ଆମେ ବାଣିଜ୍ୟ କାରବାର ମଧ୍ୟ କରିପାରିବା, ବର୍ଷାଦିନେ ବଢି ଦାଉରୁ ରକ୍ଷା ମିଳିବ , କୃଷିର ଉନ୍ନତି ହେବ । ବର୍ତ୍ତମାନ ଭାରତ ବର୍ଷରେ ନଦୀ ଜଳକୁ ନେଇ ଉପୁଜୁଥିବା ବିବାଦ ଗୁଡିକ ମଧ୍ୟ ଅଚିରେ ସମାଧାନ ହୋଇ ଯିବ, ଭାରତ ର ଅନେକ ସହର ବର୍ତ୍ତମାନ ଜଳ କଷ୍ଟ ଭୋଗୁଛନ୍ତି ତନ୍ମଧ୍ୟରୁ ଅତ୍ୟାଧୁନିକ ସହର ବେଙ୍ଗାଲୁରୁ ଅନ୍ୟତମ, ଭୂତଳ ଜଳର ଘୋର ଅଭାବ ତଥା ନଦୀ ଜଳର ଅଭାବ ବେଙ୍ଗାଲୁରୁ ସହର ବାସୀଙ୍କ ନିଦ ହଜେଇ ଦେଲାଣି , ପ୍ରତି ଆପାର୍ଟମେଣ୍ଟ , ସରକାରୀ ଅଫିସ, ନିଜସ୍ୱ ଗୃହ, ଟୋପାଏ ପାଣି ପାଇଁ ହନ୍ତସନ୍ତ ହୋଇ ଶତ ପ୍ରତିଶତ ଟ୍ୟାଙ୍କର ଜଳ କିଣି ବ୍ୟବହାର କରୁଛନ୍ତି , କାବେରୀ ନଦୀ ବିବାଦ ଚରମ ସୀମାରେ ପହଞ୍ଚି ଯାଇଛି ତାମିଲନାଡୁ ଏବଂ କର୍ଣ୍ଣାଟକ କାବେରୀ ନଦୀ ଜଳ ବଣ୍ଟନକୁ ନେଇ ବର୍ଷ ବର୍ଷ ଧରି ଟ୍ରିବୁନାଲର ଆଶ୍ରୟ ନେଇଛନ୍ତି ସେହିପରି ଓଡିଶା ଏବଂ ଛତିଶଗଡ଼ ମହାନଦୀ କୁ ନେଇ ଭିଡା ଭିଡି ହେଉଛନ୍ତି । ରାଜନୀତି ଠାରୁ ଉର୍ଦ୍ଧ ରେ ଥାଇ ସମସ୍ତେ ହାତକୁ ହାତ ମିଳାଇ ଯଦି ସରକାରଙ୍କୁ ସହଯୋଗର ହାତ ବଢାଇବା ତେବେ ଆମେ ନିଶ୍ଚିତ ଏହାର ସୁଫଳ ପାଇବା । ବ୍ରିଟିଶ ସମୟରୁ ଉତ୍ଥାପିତ ପ୍ରକଳ୍ପ ଅନେକ ଡେରିରେ କାର୍ଯ୍ୟକାରୀ ହେବାକୁ ଯାଉଛି ଏହା ଆମ ପାଇଁ ଏକ ଶୁଭ ସୂଚନା, ଆସନ୍ତୁ ଆମେ ସମସ୍ତେ ଏହି ପ୍ରକଳ୍ପକୁ ସ୍ୱାଗତ କରିବା ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ ।'

ସତ୍ୟ ପାଶେ ଶାନ୍ତି ଦେଲ
ଦୟା ପାଶେ କ୍ଷମା ଦେଲ
ନାମ ଥୋଇ ଅନାମକୁ
ଗୁପତ କରିଲ
ହେ ପ୍ରଭୁ ଜଗତନାଥ
ମୁଁ
କୁହାର କୁହ (୫)
ସବୁ ଦେଇ ଶୂନ୍ୟ କଲ
ଶୂନ୍ୟ ବ୍ରହ୍ମ ବୋଲାଇଲ
ସେ ଶୂନ୍ୟ ବ୍ରହ୍ମ ପଦ୍ମକୁ
ଅର୍ଭିକି ନ ଦେଲ
ହେ ପ୍ରଭୁ ଜଗତନାଥ
ମୁଁ
କାହାର କୁହ (୬)

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କର୍ଣ୍ଣରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ତ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)
(କ୍ରମଶଃ)

# ସବୁଠି ମୁହଁ ଦେଖାଇହେବା ମାନସିକତା



ଧ୍ରୁବଚରଣ ଘିବେଲା
ବଉଦରାଜ, ଜି. ବୌଦ୍ଧ
ପିନ -୭୬୨୦୧୪
ମୋ.୯୪୩୭୪୭୮୪୬୬

ହେଲେ ସେଲ୍ଫି ନେବା ମନ୍ଦ ନୁହେଁ । କିନ୍ତୁ ବିପଦପୂର୍ଣ୍ଣ ସ୍ଥାନକୁ ଯାଇ ସେଲ୍ଫି ନେବା ଅନୁଚିତ । ସେଲ୍ଫି ନେବାକୁ ଯାଇ ଜୀବନକୁ ବାଜି ଲଗାଇବା କଦାପି ସମର୍ଥନ ଯୋଗ୍ୟ କଥା - କାମ ନୁହେଁ । କେଉଁଠି କେଉଁଠି ସେଲ୍ଫି ନେଇଛି ଅନେକ ଜୀବନ ମଧ । ଏ ସମ୍ପର୍କିତ ବହୁ ଖବର ପ୍ରକାଶିତ ହେଉଛି । ପାହାଡ଼ ଶିଖରକୁ ସେଲ୍ଫି ନେବାକୁ ଯାଇ ଗୋଡ଼ ଖସି ପଡ଼ିଯାଇ ଅକାଳ ମୃତ୍ୟୁକୁ ନୀଳ ନିମନ୍ତ୍ରଣ କରିବା ଦୁର୍ଭାଗ୍ୟଜନକ । ସୁ ଉଚ୍ଚ ବିଦ୍ୟୁତ ଖମ୍ବ ଉପରେ ଠିଆ ହୋଇ ସେଲ୍ଫି ନେବାରେ ପ୍ରତି ପାଦରେ/ ମୁହୂର୍ତ୍ତରେ ଥାଏ ବିପଦ । ସିନେମାରେ ଷ୍ଟଣ୍ଟମ୍ୟାନ ଦୁଃସାହସିକ କାର୍ଯ୍ୟ ତଥା ଖେଳ ଦେଖାଇଥାନ୍ତି । ଅଭିନେତାଙ୍କ ପାଇଁ ଯାହା କରି ଦେଖାଇବା ସହଜ ମନେହୁଏନି ଷ୍ଟଣ୍ଟମ୍ୟାନ ସେହି ଚମତ୍କାର କାମ କରିଦେଖାଇଥାନ୍ତି ଏବଂ ଅଗଣିତ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଖୋରାକ ଯୋଗାଇ ଆସିଥାନ୍ତି ।
ବିପଦପୂର୍ଣ୍ଣ ସ୍ଥାନରେ ସେଲ୍ଫି ନେଇ ମୃତ୍ୟୁ ଭଳି ଅଘଟଣ ଘଟିଥିବା ଚିତ୍ରରେ ହୁଏତ ସେଲ୍ଫି ନେଇଥିବା ବ୍ୟକ୍ତିଙ୍କ ମୁହଁ ସ୍ପଷ୍ଟ ଦିଶିନପାରେ । ବିପଦ ନ ଥିବା ସେଲ୍ଫି ଚିତ୍ରରେ ତ ପୂରା ଦୃଶ୍ୟ ଦିଶେ । ସେଲ୍ଫି ନେଲାବାଲାର ମୁହଁ ସ୍ପଷ୍ଟ ଦିଶିଥାଏ । ମୁହଁ ଯଦି ସ୍ପଷ୍ଟ ନ ଦିଶିଲା ତେବେ ସେଲ୍ଫି ନେବ କିଆଁ ? ମୁହଁ ଦେଖାଇବା ପାଇଁ ତ ନିଅନ୍ତି ସେଲ୍ଫି ଅନେକ । ସେଲ୍ଫି ଫେସବୁକ ପୃଷ୍ଠାରେ ଛାଡ଼ିବା ପଛର ଏକମାତ୍ର ଉଦ୍ଦେଶ୍ୟ ନିଜକୁ ବିଜ୍ଞପିତ କରିବା । 'ମୁଁ ଅଛି ଏଇଠି 'ସେ କଥା ଫେସବୁକର ଦର୍ଶକଙ୍କୁ ଜଣେଇ ହେବା । ଏହାକୁ ଦର୍ଶକ ବି ଗ୍ରହଣ କରି ନେବାରେ ଅସୁବିଧା ନାହିଁ । କିନ୍ତୁ ଯେଉଁଠି ଦିଅଁ ଦେବଦେବୀଙ୍କ ଆଗରେ ସେମାନଙ୍କ ଆଡ଼କୁ ପଛ କରି ଠିଆ ରହି ପୋଜ ନେଇ ସେଲ୍ଫି ନେବାର ପ୍ରାସଙ୍ଗିକତା କେତେ ? ଦିଅଁ ପଛରେ ମଣିଷ ଆଗରେ ରହି ସେଲ୍ଫି ନେବା ଅନୁଚିତ କାର୍ଯ୍ୟ । ଏହା ଏ ଲେଖକର ମତ । ଉଦ୍ଦେଶ୍ୟ କେବଳ ନିଜକୁ ସୋ (show) କରାଇବା । ନିଜେ ଦେଖାଇ ହେବା । ହଁ, ଏଇୟା କରାଗଲେ ସୁନ୍ଦର ଲାଗନ୍ତା, ଦିଅଁଙ୍କ ପଛରେ କିମ୍ବା ଠିକ ସିଧା ମାନେ ଦିଅଁଙ୍କ ପାର୍ଶ୍ୱ ଦେଶରେ ରହି ସେଲ୍ଫି ନେଲେ ରୁଚିକର ହୁଅନ୍ତା ।

ଏବେ ସହଜ ପନ୍ଥା ଧରିବା ଓ ଶସ୍ତାକୁ ହାତେଇବା ଏ ଦି'ଟା ଦିଗରେ ଅନେକାନକଙ୍କ ଅତିଶୟ ଆଗ୍ରହ ରହୁଥିବାର ଦେଖାଯାଉଛି । ଶସ୍ତାରେ ହୀନସ୍ତା ହେବାକୁ ହୁଏ, ସେକଥା ଜାଣି ମଧ ଶସ୍ତାରେ ରୁଚି ରଖୁଥିବା ଲୋକଙ୍କ ଗହଳଚହଳ ସବୁକାଳେ ଟିକେ ଅଧିକ । ସହଜ ପନ୍ଥା ଭିତରେ ନକରାତ୍ମକ କାର୍ଯ୍ୟାବଳୀ ଯଥା କାନକୁହା ହେବା, ଚୁଗୁଲି କରିବା, ତେଲ ମାରିବା, ସୁଦୁ ( ଖାଣ୍ଟି ) ମିଛ କହିବା, ତୋସାମଦ କରିବା ଆଦି ପ୍ରମୁଖ ଏବଂ ସବୁଠି ସୁଯୋଗ ମିଳିଲେ ସେଲ୍ଫି ନେବା ଓ ତତକ୍ଷଣାତ ସେଇ ଫଟୋ ଫେସବୁକରେ ପୋଷ୍ଟ କରିବା ଓ ତାପରେ ଆସେ ଫେସବୁକ ପୃଷ୍ଠାରେ କେତେ ଲାଇକ କେତେ କମେଣ୍ଟ । ପୁଅଙ୍କଠୁ ଝିଅଙ୍କୁ ପୁଣି ମିଳିଥାଏ ବେଶି ଲାଇକ ଓ ବେଶି କମେଣ୍ଟ ।

ହେଲେ ସେଲ୍ଫି ନେବା ମନ୍ଦ ନୁହେଁ । କିନ୍ତୁ ବିପଦପୂର୍ଣ୍ଣ ସ୍ଥାନକୁ ଯାଇ ସେଲ୍ଫି ନେବା ଅନୁଚିତ । ସେଲ୍ଫି ନେବାକୁ ଯାଇ ଜୀବନକୁ ବାଜି ଲଗାଇବା କଦାପି ସମର୍ଥନ ଯୋଗ୍ୟ କଥା - କାମ ନୁହେଁ । କେଉଁଠି କେଉଁଠି ସେଲ୍ଫି ନେଇଛି ଅନେକ ଜୀବନ ମଧ୍ୟ । ଏ ସମ୍ପର୍କିତ ବହୁ ଖବର ପ୍ରକାଶିତ ହେଉଛି । ପାହାଡ଼ ଶିଖରକୁ ସେଲ୍ଫି ନେବାକୁ ଯାଇ ଗୋଡ଼ ଖସି ପଡ଼ିଯାଇ ଅକାଳ ମୃତ୍ୟୁକୁ ନୀଳ ନିମନ୍ତ୍ରଣ କରିବା ଦୁର୍ଭାଗ୍ୟଜନକ । ସୁ ଉଚ୍ଚ ବିଦ୍ୟୁତ ଖମ୍ବ ଉପରେ ଠିଆ ହୋଇ ସେଲ୍ଫି ନେବାରେ ପ୍ରତି ପାଦରେ/ ମୁହୂର୍ତ୍ତରେ ଥାଏ ବିପଦ । ସିନେମାରେ ଷ୍ଟଣ୍ଟମ୍ୟାନ ଦୁଃସାହସିକ କାର୍ଯ୍ୟ ତଥା ଖେଳ ଦେଖାଇଥାନ୍ତି । ଅଭିନେତାଙ୍କ ପାଇଁ ଯାହା କରି ଦେଖାଇବା ସହଜ ମନେହୁଏନି ଷ୍ଟଣ୍ଟମ୍ୟାନ ସେହି ଚମତ୍କାର କାମ କରିଦେଖାଇଥାନ୍ତି ଏବଂ ଅଗଣିତ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଖୋରାକ ଯୋଗାଇ ଆସିଥାନ୍ତି ।

ବିପଦପୂର୍ଣ୍ଣ ସ୍ଥାନରେ ସେଲ୍ଫି ନେଇ ମୃତ୍ୟୁ ଭଳି ଅଘଟଣ ଘଟିଥିବା ଚିତ୍ରରେ ହୁଏତ ସେଲ୍ଫି ନେଇଥିବା ବ୍ୟକ୍ତିଙ୍କ ମୁହଁ ସ୍ପଷ୍ଟ ଦିଶିନପାରେ । ବିପଦ ନ ଥିବା ସେଲ୍ଫି ଚିତ୍ରରେ ତ ପୂରା ଦୃଶ୍ୟ ଦିଶେ । ସେଲ୍ଫି ନେଲାବାଲାର ମୁହଁ ସ୍ପଷ୍ଟ ଦିଶିଥାଏ । ମୁହଁ ଯଦି ସ୍ପଷ୍ଟ ନ ଦିଶିଲା ତେବେ ସେଲ୍ଫି ନେବ କିଆଁ ? ମୁହଁ ଦେଖାଇବା ପାଇଁ ତ ନିଅନ୍ତି ସେଲ୍ଫି ଅନେକ । ସେଲ୍ଫି ଫେସବୁକ ପୃଷ୍ଠାରେ ଛାଡ଼ିବା ପଛର ଏକମାତ୍ର ଉଦ୍ଦେଶ୍ୟ ନିଜକୁ ବିଜ୍ଞପିତ କରିବା । 'ମୁଁ ଅଛି ଏଇଠି 'ସେ କଥା ଫେସବୁକର ଦର୍ଶକଙ୍କୁ ଜଣେଇ ହେବା । ଏହାକୁ ଦର୍ଶକ ବି ଗ୍ରହଣ କରି ନେବାରେ ଅସୁବିଧା ନାହିଁ । କିନ୍ତୁ ଯେଉଁଠି ଦିଅଁ ଦେବଦେବୀଙ୍କ ଆଗରେ ସେମାନଙ୍କ ଆଡ଼କୁ ପଛ କରି ଠିଆ ରହି ପୋଜ ନେଇ ସେଲ୍ଫି ନେବାର ପ୍ରାସଙ୍ଗିକତା କେତେ ? ଦିଅଁ ପଛରେ ମଣିଷ ଆଗରେ ରହି ସେଲ୍ଫି ନେବା ଅନୁଚିତ କାର୍ଯ୍ୟ । ଏହା ଏ ଲେଖକର ମତ । ଉଦ୍ଦେଶ୍ୟ କେବଳ ନିଜକୁ ସୋ (show) କରାଇବା । ନିଜେ ଦେଖାଇ ହେବା ।

ହଁ, ଏଇୟା କରାଗଲେ ସୁନ୍ଦର ଲାଗନ୍ତା, ଦିଅଁଙ୍କ ପଛରେ କିମ୍ବା ଠିକ ସିଧା ମାନେ ଦିଅଁଙ୍କ ପାର୍ଶ୍ୱ ଦେଶରେ ରହି ସେଲ୍ଫି ନେଲେ ରୁଚିକର ହୁଅନ୍ତା । ଖାଲି ରୁଚିକର ନୁହେଁ, ଅନ୍ୟମାନଙ୍କ ପାଇଁ ଗ୍ରହଣୀୟ ହେବାରେ ଅସୁବିଧା ରହନ୍ତା ନାହିଁ । ଦିଅଁଙ୍କ ଆଡ଼କୁ ପିଠି କରି ସେଲ୍ଫି ନେବା ଅସୁନ୍ଦର କାର୍ଯ୍ୟ । ସେଇଠି ପ୍ରତିଫଳିତ ହୁଏ ନିଜକୁ ବିଜ୍ଞପିତ କରିବାର ଅହେତୁକ ବୈକଲ୍ୟ ଭାବଟିଏ କେବଳ ଓ କେତେକ ପୁଣି ଗଳି ପଶି କୌଣସି ସେଲିବ୍ରେଟି, ବଡ଼ ରାଜନେତା, ନାଁ କରା ସାଧୁ ସନ୍ୟାସୀ ଏମାନଙ୍କ ପାଖରେ ମୁହୂର୍ତ୍ତେ ଠିଆ ହେବାର ସୁଯୋଗ ପାଇଗଲେ କେତେବେଳେ ଯେ ସେଲ୍ଫି ନେଇଯାଇ ତାଙ୍କ ପାଖରେ 'ମୁଁ ଅଛି / ରହିଛି ' ଜଣେଇ ଦେଖେଇ ହେବା ପାଇଁ ଫେସବୁକରେ ପୋଷ୍ଟ କରନ୍ତି ଓ ଅସଲକୁ ସେଇ' ମୁଁ ' ବା ଯେ କେହି ବ୍ୟକ୍ତି ନିଜେ ସେମିତି କିଛି ନାଁକରା ନ ଥିବେ । ନ ଥାନ୍ତି ମଧ୍ୟ । ନିଜକୁ ନିଜେ ମୁଁ ଏକ ବିରାଟ ମଣିଷ କହିବାର ମାନେ କିଛି ନ ଥାଏ । ନିଜ ସ୍ଥିତି ତଉଲି କାହାର ତୁମେ ସମାସ୍କନ୍ଧ ବା ତାଙ୍କ ପାଖାପାଖି ଥାଇ ସେଇ ବ୍ୟକ୍ତିତ୍ୱଙ୍କ ସହ କିଏ ସେଲ୍ଫି ନେଇ ଛାଡ଼ିଲେ ଶୋଭନୀୟ ହେବ, ତାହା ବିଚାରି ଦେଖିବା କଥା ମଧ୍ୟ ।

ପିମ୍ପୁଡ଼ି ହାତୀ ସହିତ ଯେମିତି ତୁଳନୀୟ ନୁହେଁ, ସେ ରକମର ତୁଳନୀୟ ହେବାକୁ ଚାହାନ୍ତି କିଛି ବ୍ୟକ୍ତି ନିଜକୁ ଆକାଶ କଇଁଆ ଚିଲିକା ମାଛ ମନେ କରି । ଅବଶ୍ୟ ଚିଲିକା ମାଛ ଏବେ ସବୁଠି ମିଳିଲାଣି । ହେଲେ ଆକାଶ କଇଁଆ ତ ସ୍ୱପ୍ନ ! ମୁଁ ଯେଉଁ ସ୍ତରର ନୁହେଁ, ସେଭଳିଆ ମାନସିକତା ରଖି ଆକାଶ ସହ ସମାନ ହେବାକୁ ଯାଇ କେଉଁ ମହାନ ହସ୍ତୀଙ୍କ ପାଖରେ ଟିକେ ସମୟ ରହିବାର ସୁଯୋଗର ଫାଇଦା ଉଠାଇ ସେଲ୍ଫି ନେଇ ତାକୁ ଛାଡ଼ନ୍ତି ଫେସବୁକରେ । ସେଇୟା କରି ଜଣେଇ ହୁଅନ୍ତି ସେମାନେ କମତମ ନ ଥାନ୍ତି । ଆଉ କେତେକ କେଉଁ ବ୍ରିଜ ଉପରେ, କେଉଁ ବ୍ରିଜ ତଳେ, କେଉଁ ପାର୍କର ଗଛ ଗହଳରେ ରହି,କେଉଁ ଉତ୍ସବର ଖାଲି ମଞ୍ଚ ଉପରେ ଠିଆ ହୋଇ, ଯାନୀଯାତ୍ରା ଭିଡ଼ ଭିତରେ ରହି ସେଲ୍ଫି ନେଇ ତାର ଫଟୋ ଛାଡ଼ନ୍ତି ଫେସବୁକ ପୃଷ୍ଠାରେ । ଉଦ୍ଦେଶ୍ୟ ସେଇ ଦେଖାଇ ହେବାର ମାନସିକତା । ଏଥିରେ କାହାର କ୍ଷତି ହୁଏନି । କେବଳ ଦେଖେଇ ଜଣେଇ ହେଇ ନିଜକୁ ଅଯଥା ବିଜ୍ଞପିତ କରିବାର ବିକଳ ପଣ ହିଁ ତହିଁରେ ଲେସି ହୋଇରହିଥାଏ ।

ତେବେ ଅକାରଣ ବିଜ୍ଞାପନ କେବେ ସମାଜ ଉପଯୋଗୀ ନ ଥାଏ । ହଁ, କେଉଁ ମଞ୍ଚରେ ନିଜେ ବସିଛ, ତାର ସେଲ୍ଫି ଫଟୋ ଫେସବୁକରେ ଛାଡ଼, ତାଆର ଗୋଟେ ମୂଲ୍ୟ ରହିବ । କେଉଁଠି ଗୀତ ଗାଇ, କେଉଁଠି ନାଚି ତାର ଫଟୋ ଛାଡ଼ ତାହା ବି ମୂଲ୍ୟଯୁକ୍ତ ହେବ । ନିଜର ସକାରଣ ସମ୍ପୃକ୍ତି କେଉଁଠି ନ ଥିବ, ସେଇଠୁ ସେଲ୍ଫି ଛାଡ଼ିବାର ମାନେ କିଛି ରହିନଥାଏ । ଶେଷକଥା : କାରଣ ଥାଇ ସେଲ୍ଫି ନେବା ଫେସବୁକରେ ଛାଡ଼ିବା ଯୁକ୍ତିଯୁକ୍ତ କଥା । ଅକାରଣ ସେଲ୍ଫି ଓ ତାର ବିଜ୍ଞାପନ ପୁଣି ଫେସବୁକରେ ନିହାତି ଅସୁନ୍ଦର କଥା ଓ କାମ ମଧ୍ୟ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
# କବିତାୟନ
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଫେବୃୟାରୀ ୨୦୨୪ ଶୁକ୍ରବାର

## ବସନ୍ତ ଆସିବ ସଜେଇ ହୋଇ

ସୁହଂସ ଭୋଇ

ଶୀତ ଚାଲି ଯିବ ବିଦାୟ ନେଇ
ବସନ୍ତ ଆସିବ ସଜେଇ ହୋଇ
ମୌସୁମୀ ମଳୟ ହେବ ଅଚଳ
କେବେ ସେ ଉଷୁମ କେବେ ଶୀତଳ

ବୃକ୍ଷେ ଧରିଲାଣି ଆମ୍ବ ବଉଳ
ଝରି ପଡ଼ିଲାଣି ସଜନା ଫୁଲ
ଧୀର ସମୀରଣ ଆସୁଛି ହଲି
ସୋରିଷ କୁସୁମ ଖେଳୁଛି ଦୋଳି

ଉତ୍ତର ଦକ୍ଷିଣ ପଶ୍ଚିମ ପୂର୍ବ
ଚାହିଁଲେ ଦିଶିବ ବିମଳ ଅଭ୍ର
ପାଦପ କୋଳରେ ଶିଶୁ ପଲ୍ଲବ
ଆମୋଦେ ଆହ୍ଲାଦ ହୋଇ ଖେଳିବ

ବନପ୍ରିୟ ଦେଖି ହେବ ବିଭୋର
ମଧୁର କଣ୍ଠରେ ଭରିବ ସୁର



ହଂସାରୁଢା ଦେବେ ମର୍ତ୍ତ୍ୟରେ ପାଦ
ବିମାନେ ଆସିବେ ଦୋଳ ଗୋବିନ୍ଦ

ଅବିରତ ଋତୁ ଚକ୍ର ଘୂରଇ
ପ୍ରକୃତି ଲିଖିତ ନିୟମ ଏହି
ମନ ପ୍ରୀତିମୟ ବନ ସବୁଜ
ବିରାଜିବେ ରାଜ ସେ ଋତୁରାଜ

ପହଣ୍ଡି, ବରଗଡ଼
ମୋ-୯୪୩୭୫୨୨୪୫୫

## ବ୍ୟତିକ୍ରମ

ମଞ୍ଜୁଲତା ସାହୁ

ମୁଁ ନୀରବଧି ରହିଗଲି ଚୁପଚାପ୍
ମୋର ସମସ୍ତ କଳ୍ପନା ଜଳ୍ପନାର ଅସୁମାରୀ ସୌଧ ନେଲେ ଯେବେ ଜୀଅନ୍ତା କବର,

ତୁମର ସମସ୍ତ ପ୍ରବୃତ୍ତି ନିବୃତ୍ତି
ଅଥବା ପ୍ରତିଶ୍ରୁତି ମାନେ
ଶୋଇଗଲେ ଚିରନିଦ୍ରା କାଳ, ଅତିକାଳ ମହାକାଳ ଯାଏ....

ଆଉ ଥରେ ଅନାନ୍ତ କି ଭାବପ୍ରବଣତାରେ
ପୁଣି ଆରଂଭ କରନ୍ତେ ନୂତନ ଅଙ୍କ...
ପୁଣି ଗପନ୍ତେ ଆମେ ଭାଷାହୀନ ଶବ୍ଦ ବିନିମୟରେ,
ଆବିଷ୍କାର କରନ୍ତେ
ପରସ୍ପରକୁ ଭାବହିନ ଚାହାଣୀରେ ଆଉ ସ୍ପର୍ଶହୀନ ଆଲିଙ୍ଗନରେ....
କିଛି ଗୋଟେ
ବ୍ୟତିକ୍ରମ ହୁଅନ୍ତା ଆମପାଇଁ....

ମଧ୍ୟାହ୍ନରେ ଜହ୍ନ ହସନ୍ତା ଆମକୁ ଦେଖି ଆଉ ନିଶାର୍ଦ୍ଧରେ ସୂର୍ଯ୍ୟ ଝାଉଁଳି ପଡନ୍ତା ଲାଜରେ...
କଦମ୍ବଟା ହେଇ ଯାଆନ୍ତା

ବାସନ୍ତୀର ଆଉ ମଲ୍ଲୀ ଶ୍ରାବଣୀର...
ଭୂମିରୁ ଭୂମା ଯାଏ
ବଦଳି ଯାଆନ୍ତା ସବୁକିଛି...
ବତାସ ଧିର ହୁଅନ୍ତା ଆଉ ଆକାଶ ଥିର ହୋଇ ଚାହାନ୍ତା ଆମ ଦୁହିଁଙ୍କୁ,
ସବୁ କିଛି
ବ୍ୟତିକ୍ରମ ହୋଇ ଯାଆନ୍ତା ଆମପାଇଁ....!!



କାମାକ୍ଷାନଗର, ଢେଙ୍କାନାଳ

## ଝୁମାଝୁମା ଏଇ ଗୋଲାପି ବେଳାରେ

ନଳିନୀ ଦାଶ

ଝୁମାଝୁମା ଏଇ ଗୋଲାପି ବେଳାରେ
ପ୍ରିୟା ମୋର ଚିତ୍ରଲେଖା
ପ୍ରେମ ପ୍ରୀତି ମାଖି ଗୋଲାପଟେ ଗୁନ୍ଥି
ଗୁଞ୍ଜିଦେଲା ହାତ ଲେଖା ।
ଅଧା ହସି ଦେଇ କଣେଇ ଚାହିଁଲା
ଲାଜରେ ସରମୀଲତା
ମତେ ଚାହିଁ ଚାହିଁ ବୁଝାଉ ଥିଲା ସେ
ତା ମନର ନୀରବତା ।
ଜହ୍ନ ପରି ଦିଶେ ମୁହଁଟି ତାହାର
ଓଠଟି ଗୋଲାପ ଫୁଲ
ହଳଦୀଖା ମତା ଦେହକୁ ଦିଶଇ
ନାଲିଶାଢ଼ି ଝଲମଲ ।
ପ୍ରିୟା ମୋ ରୂପସୀ ମୋ ମନ ମାନସୀ
ସୁନ୍ଦରୀ ଚପଳଛନ୍ଦା

କଥା ତାର ଭାବି ଦିନ ରାତି ସରେ
ସିଏ ମୋ ଅଳକାନନ୍ଦା ।
ହରିଣୀ ଚାଲିରେ ଗଭାରେ ଖୋସିଛି
ଗୋଲାପ ରଜନୀଗନ୍ଧା
ପ୍ରେମ ଋତୁଟାରେ ସବୁଠି ମୋ ପ୍ରିୟା
ତା ପ୍ରେମେ ପଡ଼ିଛି ବନ୍ଧା ।
ଚାଲିରେ ତାହାର ପଦ୍ମ ଫୁଟୁଅଛି
ହସରୁ ଝରୁଛି ମହୁ
ଓଠରୁ ମୁକୁତା ଖସୁଛି କି ସତେ
କଥା ପଦେ କହୁ କହୁ ।
ଚୋରା ଚାହାଁଣୀରେ ଦେଉଛି ଇଶାରା
ପ୍ରିୟା ମୋର ଶୀତ କାଳେ
ହସ ବିଞ୍ଚିଦେଇ ଲେଉଟି ଚାହେଁ ସେ
ଗୋଲାପି ସଂଜର ବେଳେ ।



ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ------୬୩୭୦୦୯୫୨୪୧

## ନିରୁତ୍ତର ଶବ୍ଦାର୍ଥୀ.....!

ଚନ୍ଦନ କୁମାର ଦାସ

ମୁଁ ନିରୁତ୍ତର ଶବ୍ଦାର୍ଥୀ
ଶବ୍ଦ ମାନଙ୍କର ଭିଡରେ ଥାଇ ମଧ
ନିଇତି ଶିକାର ହୋଇଯାଏ
ଶବ୍ଦ ମାନଙ୍କର ଛୁଆଁ ଅଛୁଆ ଭେଦଭାବ
ମଧ୍ୟରେ
ତଥାପି କେହିଜଣେ ଶବ୍ଦର ବୋଝକୁ ପିଠିରେ
ପକେଇ
ଭେଟୁଥାଏ ମୋତେ ରାତ୍ରିର ନିର୍ଜନ ପ୍ରହରରେ
ଦେବାପାଇଁ ଆପାତତଃ ଖଣ୍ଡେଅଧେ
ଅବୁଝା ଶବ୍ଦର ଶୀତଳ ଶିହରଣ
ମୁଁ କିନ୍ତୁ ନିରୁପାୟ
ନିରୁତ୍ତର ଶବ୍ଦାର୍ଥୀ....!
ବୁଝିପାରେନି ଶେଫାଳିର ଶେଷରାତ୍ରିର
ଅବସୋସ
ସବୁ ବେଦନାକୁ ବନ୍ଧକ ପକାଇ
କିସପାଇଁ ସାରୁଥାଏ ସେ
ଅନ୍ୟପାଇଁ ନିଜର ଆୟୁଷ



ନିଜ ଅସ୍ତିତ୍ୱକୁ ପଛରେ ପକାଇ
କିସପାଇଁ ଧୂଳିଟିଏ ଜିତୁଥାଏ
ମାଟିର ବିଶ୍ୱାସ ?

ଆରୁହାବୃତି ୧,ଭୋଗରାଇ,ବାଲେଶ୍ୱର
ମୋ-୮୧୧୪୩୪୫୯୮୮

## ମିଳନର ମଧୁର ପଥରେ

ସିଦ୍ଧେଶ୍ୱର ତ୍ରିପାଠୀ

ଆସ ଆସିବାର ବେଳ ହେଲା ସାଥୀ
ବାହାନା କରନି ଆଉ
ଅତୀତରେ ଯେତେ ସପନ ଆଙ୍କିଛ
ଏବେ ସବୁ ସତ ହେଉ ।

ଧରା ଦିଅ ଥରେ ସୁନୟନା ବାରେ
ଖେଳ କାଇଁ ଲୁଚକାଳି
ତୁମରି ଦେହର ଯେତେ ରଙ୍ଗ ସବୁ
ମୋ ଦେହରେ ଦିଅ ବୋଳି ।

ବସନ୍ତରେ ସିନା ମଳୟ ଆସିଲେ
କୋଇଲି ଗାଇବ କୁହୁ
ଆସ ଆସିବାର ବେଳ ହେଲା ସାଥୀ
ବାହାନା କରନି ଆଉ ।

ତୁମ ପାଇଁ ଦେଖ ଫୁଲ ବିଛାଇଛି
ମନ ଅଗଣାରେ ମୋର
ଆଖି ଆଇନାରେ ସଜାଇ ରଖିବି
ସବୁ ତୁମ ଉପହାର ।

କେତେତ ଫଗୁଣ ବିତାଇ ଦେଲଣି
ଏ ଫଗୁଣେ କଥା ରହୁ
ଆସ ଆସିବାର ବେଳ ହେଲା ସାଥୀ
ବାହାନା କରନି ଆଉ ।



କୁଣ୍ଡିଲୋ କେରଙ୍ଗ
ଖୋର୍ଦ୍ଧା।

## ସଂପର୍କ

ଅରୁଣ କୁମାର ଦାସ

ଯୋଡି ହେବା ଆଗରୁ ଛିଡି ଯାଇଥିଲା
ଆକାଶରେ ଉଡି ଉଡି ହାଲିଆ ହୋଇ
ଥିବା ଗୁଡି ପରି
ଧାଇଁ ଯାଇ ଥିଲି ଅନେକ ବାଟ ପଛେ
ପଛେ
ଲୁଚି ଯାଇ ଥିଲା ଦୂରେ ଦିଗ୍‌ବଳୟେ ଅବା
ଭସା ମେଘେ
କୂଳ କିନାର ପାଇଲିନି କି ପଛକୁ
ଚାହିଁବାର ନ ଥିଲା ବାଟ
ପାଲଟି ଯାଇଥିଲି ଅମଡା ବାଟର ପଥିକ
ଅଟକି ଯାଇଥିଲା ସାଧନାର କଲମ
ଅଂଟା ସଳଖି ଠିଆ ହୋବାର ନ ଥିଲା ଯୁ
।
ପେଟ ଚାଖଂଡ ପାଇଁ ଖୋଜୁଥିଲା ରାହା
ମିଳି ନ ଥିଲା ସହାୟତା ଅବା ପଦେ ଆହା
ଭୂତ ଭବିଷ୍ୟତ ମିଶାଇ ଦେଇଥିଲା
କାଳବୈଶାଖୀ ବାଆ ଦିଗ ହରା ପଥିକ
ପରି ଧାଇଁବା ଛଡା କିଛି ନ ଥିଲା ସାହା

କିନ୍ତୁ
ଆଶା ଥିଲା ଦିନେ ନା ଦିନେ ମିଳିବ
ଦେଖା
ଏଇ ଟିକକ ଆଧାର କରି ମିଳି
ଯାଇଥିଲା ବାଟ ଚାଲିବା
ଏବେ ପରା ନିଜ ବାଟରେ ସବୁ ଚାଲିଛି
ନା ଅଛି ପାଇବାର ଲାଳସା ନା
ହରାଇବାର ଦୁଃଖ
ନିର୍ଦ୍ଧାରିତ ପରିଧିର ସୀମା ଭିତରେ

ଆମେ ଆବଦ୍ଧ
ଭାଗ୍ୟ ଭବିଷ୍ୟତର କୁଂଡଳୀରେ ସଂପର୍କ
ବଂଧା
ଚିହ୍ନ ବର୍ଣ୍ଣ ନ ଥିବ ଆଶା, ନିରାଶା
ପ୍ରତ୍ୟାଶାର
କେବଳ
ଅଛି ରହିବ ଅତୁଟ ସଂପର୍କ ହୋଇ ଚିର
ଶାଶ୍ୱତ



ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ- ୯୯୩୮୭୩୩୦୭୫

## ମାଘ ମେଘ.....

ଲକ୍ଷ୍ମୀପ୍ରିୟା ପୃଷ୍ଟି

ଏକ

ମେଘ ମଖା ଏଇ ମାଘର ସକାଳ
ଭିନ୍ନ ରୂପ ନେଇ ଆସିଛି
ସ୍ମୃତି ରେ ଭିଜୁଛି ମନର ଇଲାକା
କାହା ପାଇଁ ନିଦ ହଜିଛି ।
ତୁମ ପାଇଁ ପ୍ରିୟ ଏ ସକାଳ ଲାଗେ
ଫୁଲ ଫୁଟା ସଜ କାନନ
ମନ ମରୁଭୂମି ଶ୍ୟାମଳିମା ସାଜେ
ମୋହ ମୟ ଲାଗେ ଜୀବନ ।

ଦୁଇ

ଜହ୍ନରାତି ଏବେ ଜୁଆରିଆ ମନ
ଛୁଇଁବାକୁ କରେ ମନା
ଯେବେଠୁଁ ଫଗୁଣ ଏ ମନ ବେଦୀକୁ
ଭୁଲିଛି ତାର ଠିକଣା ।
ପରିଚୟ ହୀନ ସାଧା ଲଫାପା ମୁଁ
ମାଘ ମେଘ ଅନୁଭବ
ପୁରୁଣା ଚିଠିର ଶବଦରେ ଭିଜେ
ମନରେ ଶଙ୍କା ନରହୁ।।



ଦଶରଥପୁର,
ଯାଜପୁର, ୭୫୫୦୦୬,
ଫୋନ-୭୩୭୭୩୧୮୭୮୯

## ଖୋଜୁଛି ମୁଁ ଏମିତି ଏକ ଋତୁ

ମୈତ୍ରେୟୀ କମିଳା

ବଦଳି ଯାଇଥିବ ଘାସ ଆଉ ଫୁଲ ର ଠିକଣା
ପାହାଡ ଟା ଆଉ ଧୂସର ଦିଶୁ ନଥିବ
ପାଣିର ଗାର ପରି ଲିଭୁଥିବ
ରାଗ ରଷା ମାନ ଅଭିମାନ
ତର୍କ ବିତର୍କ ଠୁ ଦୂରେଇ ରହିଥିବ
ସମ୍ପର୍କର ଡୋର
ଅନ୍ଧବିଶ୍ୱାସ କୁସଂସ୍କାର ଗଣ୍ଠିଲି ମାରି ଉଇ ଖାଉଥିବ
ସାମ୍ପ୍ରଦାୟକତା ଭେଦ ଭୁଲି ବାଣ୍ଟୁଥିବା ନାରା ଆମେ ସବୁ ଏକ
ମୋତେ ଠିକ୍ ସେ ହୁଳହୁଳି ପକେଇ ଆସେନି , ଭଲ ରାନ୍ଧି ଆସେନି କହି
ତୁମେ ବାଟ ଭାଙ୍ଗି ଚାଲିଯିବନି
ଆଖିକୁ ଦିଶୁନି କହି ଶବ୍ଦ ସବୁ ଖାତା ରେ ଏପାଖ ସେପାଖ ହେବେନି

ଏମିତି ଏକ ଋତୁ
ସମୟ ଟା ଟିକେ ରହିଯିବ
ଶୁନଶାନ୍ ଖରାବେଳେ
କୃଷ୍ଣଚୂଡ଼ା ଛାଇତଳେ

ଫଗୁଣ ସରିନି କହି
ଅଙ୍କା ବଙ୍କା ରାସ୍ତା ସରି ଆସୁଥିବ
କେହି ନଝୁଣ୍ଟିଲା ଭଳି
ବାଡ କଡ ଲତା ପରି
ମୁଠେ ମାଟିକୁ ଆଉଜି
କୁହୁଡି ରେ ଚାଲୁ ଚାଲୁ
ନେଶିହୋଇଯିବ କାକର ଟୋପା ଟା
ଆଖିପତାରେ
ପଛରେ ସେ ଗଙ୍ଗ ଶିଉଳି ଫୁଲ ପେନ୍ଥାଏ ଝରିପଡୁଥିବ କଲମ ମୁନରେ





ନଭି ମୁମ୍ବାଇ

## ଆଉ ଘଡ଼ିଏ ସମୟ

ନୀଳମାଧବ କର

ଥାଆନ୍ତା କି ଆଉ ଟିକେ ଅଧିକ ଜୀବନ
ଦିନ କେଇଟା
ତମ ସଙ୍ଗେ ବିତେଇବାକୁ
ଖୋଲା ଖୋଲା ଆକାଶ ତଳେ

ନିଶ୍ଚିନ୍ତରେ
ଏ ଗତାନୁଗତିକ ଜୀବନ ଡେଇଁ
ତେଲ ଲୁଣର ସଂସାର ପରେ
ଥାଆନ୍ତା କି ଆଉ ଘଡ଼ିଏ ଅନ୍ତତଃ
ପାଖରେ ଆମର

ବିନା ଅତୀତର, ବିନା ଚିନ୍ତାର ସମୟ
ବିତେଇବାକୁ କିଛି ବର୍ତ୍ତମାନ
କେବଳ ତମେ ଆଉ ମୁଁ
ଆମ ନିଶ୍ୱାସ କେଇଟା
ଓ ଆଉ କେହି ନୁହେଁ
ଏମିତିକି ଭଗବାନ ବି କରନ୍ତେ ଅପେକ୍ଷା
ଦୁଆର ସେପଟେ,
କି ଦିଗବଳୟ ପଛେ
ଭୁଲିଯାଇ ଠିକଣା ଆମର

ଓଲଭରହାମ୍ପଟନ, ୟୁକେ

## ଭାବିବୁ ମୋହରି କଥା

ପ୍ରଶାନ୍ତ କୁମାର ନାଥ

ଚାଲିଗଲୁ ବୋଲି କହିବିନି ତୋତେ
କାହିଁକି ମୋତେ ତୁ ଯାଇଛୁ ଭୁଲି
ଆଜି ନୁହେଁ କାଲି ଜାଣିଛି ଏତିକି
ଥରୁଟିଏ ନିଶ୍ଚେ ଚାହିଁବୁ ବୁଲି ।

ଚାଲୁଚାଲୁ ତୁହି ଫୁଲର ବାଟରେ
ତୋ ଗୋଡରେ ଯେବେ ଫୁଟିବକଣ୍ଟା
ସେତେବେଳେ ନିଶ୍ଚେ ମନେ ମୁଁ ପଡିବି
ନଇଁ ପଡୁଥିବ ଯେବେ ତୋ ଅଣ୍ଟା ।

ତୁସିନା ଯାଇଛୁ ପ୍ରେମକୁ ଆମର
ଛଳନା ରୂପରେ କବର ଦେଇ
ଅନ୍ଧ ଇଲାକାରେ ହଜିଗଲା ପରେ
ଭାବିବୁ ମୋ କଥା ସେଠାରେ ଥାଇ ।

ତୁ ସିନା ବୁଲୁଛୁ ପ୍ରେମ ରାଇଜରେ
ଛଳନା ରଙ୍ଗକୁ ମାଖିତୋ ଦେହେ
ସେ ରଙ୍ଗ ଯେବେ ତୋ ଦେହରୁ ଛାଡିବ
କିରଙ୍ଗ ଆଉତୁ ମାଖିବୁ ମୁହେଁ ।

ପ୍ରୀତି ପ୍ଲାବନରେ ଭାସିଗଲା ପରେ
ମନେ ମନେ ସିନା ହେଉଛୁ ଖୁସି
ସେଖୁସିରେ ଯେବେ ଗ୍ରହଣ ଲାଗିବ
ମୋ କଥା ନିଶ୍ଚିତ ଭାବିବୁ ବସି ।

ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର,
ଯାଜପୁର-୭୫୫୦୧୩

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଫେବୃୟାରୀ, ଗୁରୁବାର, ୨୦୨୪

# ବ୍ରିଜ୍ ଭୂଷଣଙ୍କ ପୁଅକୁ ଖୋଲାଖୋଲି ଧମକ୍ ଦେଲେ ବଜରଂ ପୁନିଆ



**ନୂଆଦିଲ୍ଲୀ**

ରେସ୍‌ଲିଂ ଫେଡ଼େରେସନ ଇଣ୍ଡିଆ (ଡବ୍ଲୁଏଫଆଇ)ର ପୂର୍ବତନ ଅଧ୍ୟକ୍ଷ ବ୍ରିଜ୍ ଭୂଷଣ ଶରଣ ସିଂହଙ୍କ ପୁଅ କରଣ ସିଂହଙ୍କୁ ଉତ୍ତର ପ୍ରଦେଶ ରେସ୍‌ଲିଂ ଆସୋସିଏସନ ଅଧ୍ୟକ୍ଷ ଚୟନ କରାଯାଇଛି। ଏହାକୁ ନେଇ ଭାରତୀୟ ରେସଲର ବଜରଂ ପୁନିଆ ଓ ସାକ୍ଷୀ ମଲ୍ଲିକ ବିରୋଧ କରିଛନ୍ତି। ସେମାନେ ପୁଣି ଆନ୍ଦୋଳନ କରିବାକୁ ଧମକ୍ ଦେଇଛନ୍ତି। ବଜରଂ ଇନଷ୍ଟାଗ୍ରାମ୍‌ରେ ପୋଷ୍ଟ କରାଯାଇଥିବା ଏକ ଭିଡିଓରେ ଏବେ ୨-୩ ଦିନ ପୂର୍ବରୁ ବ୍ରିଜଭୂଷଣଙ୍କ ପୁଅ ୟୁପି ରେସ୍‌ଲିଂ ଆସୋସିଏସନର ଅଧ୍ୟକ୍ଷ ନିର୍ବାଚିତ ହୋଇଥିବା କହିଛନ୍ତି।

ବଜରଂ ପୁନିଆ କହିଛନ୍ତି ଯେ ଏହା ପୂର୍ବରୁ ବ୍ରିଜ୍ ଭୂଷଣ ତାଙ୍କ ପରିବାରର କେହି ରେସ୍‌ଲିଂ ପ୍ରଶାସନକୁ ଆସିବେ ନାହିଁ ବୋଲି ଘୋଷଣା କରିଥିଲେ। ସେହିପରି ସରକାର ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ ଯେ ବ୍ରିଜ୍ ଭୂଷଣ ହୁଅନ୍ତୁ କି ତାଙ୍କ ପରିବାର ଲୋକେ ଅଥବା ସହଯୋଗୀ ଖେଳ ଉପରେ ଶାସନ କରିବେ ନାହିଁ। ବଜରଂ କହିଛନ୍ତି ଯେ ରେସ୍‌ଲରମାନେ ଏବେ ସେମାନଙ୍କ ସହ କଥା ହେବୁ ଯେଉଁମାନେ ଆମକୁ ସମର୍ଥନ କରିଥିଲେ। ଏଥିରେ ଆମେ କୃଷକ ସମୂହ, ଖାପ ପଞ୍ଚାୟତ, ଶ୍ରମିକ ସଂଘ ଓ ମହିଳା ସଙ୍ଗଠନଙ୍କ ସହ ଆଲୋଚନା କରି ଆନ୍ଦୋଳନ କରାଯିବ କି ନା ସେ ନେଇ ଆଗାମୀ ୨-୩ ଦିନରେ ନିଷ୍ପତ୍ତି ନିଆଯିବ। ଏଣୁ ବଜରଂ ପୁନିଆ ସରକାରଙ୍କୁ ନିବେଦନ କରିଛନ୍ତି ଯେ ଆମକୁ ପୁଣି ଥରେ ଆନ୍ଦୋଳନ କରିବାକୁ ବାଧ୍ୟ କରାନଯାଉ। ସେ ଏକ୍ସରେ ପୋଷ୍ଟ କରିଥିବା ଏକ ଭିଡିଓରେ କହିଛନ୍ତି ଯେ ଆଗାମୀ କିଛି ଦିନରେ ଆମେ ବିରୋଧ ପ୍ରଦର୍ଶନରେ ସାମିଲ ସବୁ ଲୋକଙ୍କ ସହ କଥା ହେବୁ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବୁ। ଏଣୁ ପୁନିଆ ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ ବ୍ରିଜ୍ ଭୂଷଣ ଓ ତାଙ୍କ ସମ୍ପର୍କିତ ଲୋକଙ୍କୁ ଡବ୍ଲୁଏଫଆଇରୁ ହଟାଇ ଦିଆଯାଉ ଓ ଏପରି କୌଣସି ବ୍ୟକ୍ତିଙ୍କୁ ଶୀର୍ଷ ପଦବୀରେ ରଖାଯାଉ ଯିଏ ସ୍ୱଚ୍ଛ ଓ ସକ୍ଷମ।

# ଦମ୍ ଦେଖାଇଲେ ରୋହିତ, ଜାଡ଼େଜା ଓ ସର୍ଫରାଜ : ପ୍ରଥମ ଦିନରେ ଭାରତ ୩୨୬/୫



**ନୂଆଦିଲ୍ଲୀ**

ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଭାରତକୁ ସମ୍ଭାଳିଛନ୍ତି ୩ ଖେଳାଳି ଅଧିନାୟକ ରୋହିତ ଶର୍ମା, ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ଓ ଯୁବ ବ୍ୟାଟର ଡେବ୍ୟୁଟାଣ୍ଟ ସର୍ଫରାଜ ଖାନ ନିଜର ଦମ୍ ଦେଖାଇଛନ୍ତି। ଏହି ୩ ବ୍ୟାଟରଙ୍କ ଦମ୍‌ଦାର ବ୍ୟାଟିଂ ଯୋଗୁ ଭାରତ ତୃତୀୟ ଟେଷ୍ଟର ପ୍ରଥମ ଦିନରେ ୫ ୱିକେଟ ହରାଇ ୩୨୬ ରନ କରି ନେଇଛି।

ରୋହିତ ୧୩୧ ରନ କରି ଆଉଟ ହୋଇଥିବା ବେଳେ ଷ୍ଟମ୍ପ୍ ଅପସାରଣ ବେଳକୁ ଜାଡ଼େଜା ୧୧୦ ରନ କରି ଅପରାଜିତ ରହିଛନ୍ତି। ଡେବ୍ୟୁ ମ୍ୟାଚ୍‌ରେ ସର୍ଫରାଜ ଖାନ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ୬୨ ରନ କରି ରନଆଉଟ୍ ହୋଇଯାଇଛନ୍ତି। ଶୁକ୍ରବାର ଜାଡ଼େଜା ଓ କୁଲଦୀପ ଯାଦବ(୧) ଭାରତୀୟ ଇନିଂସକୁ ଆଗକୁ ନେବେ।

ରାଜକୋଟରେ ଖେଳାଯାଉଥିବା ତୃତୀୟ ଟେଷ୍ଟରେ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲେ। ରୋହିତଙ୍କ ସହ ଯଶସ୍ୱୀ ଜୈସ୍ୱାଲ ଇନିଂସ ଆରମ୍ଭ କରିଥିଲେ ହେଁ ଭାରତକୁ ଝଟ୍‌କା ଲାଗିଥିଲା ଦଳୀୟ ସ୍କୋର ୨୨ ଥିବା ବେଳେ ଜୈସ୍ୱାଲ ମାତ୍ର ୧୦ ରନ କରି ମାର୍କ ଉଡ୍‌ଙ୍କ ବଲରେ ଆଉଟ୍ ହୋଇଥିଲେ

ଶୁବମନ ଗିଲ୍ ଖାତା ଖୋଲିବାକୁ ସକ୍ଷମ ହୋଇ ନଥିଲେ। ତାଙ୍କ ୱିକେଟ ମଧ୍ୟ ଉଡ୍ ନେଇଥିଲେ। ରଜତ ପାଟିଦାର ଗୋଟିଏ ଚୌକା ସହ ୫ ରନ କରିଥିବା ବେଳେ ତାଙ୍କୁ ଟମ୍ ହାର୍ଟଲୀ ପ୍ୟାଭିଲିୟନ ପଠାଇ ଦେଇଥିଲେ। ଦଳ ୩୩ ରନରେ ୩ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା।

ଏତିକି ବେଳେ ରୋହିତ ଶର୍ମା ଓ ପ୍ରମୋସନ ପାଇ ୫ନଂରେ ବ୍ୟାଟିଂ କରିବାକୁ ଆସିଥିବା ରବୀନ୍ଦ୍ର ଜାଡ଼େଜା ସ୍ଥିତି ସମ୍ଭାଳିଥିଲେ। ଉଭୟ ଦମ୍‌ଦାର ବ୍ୟାଟିଂ କରିବା ସହ ଲଞ୍ଚ୍ ସୁଦ୍ଧା ଦଳୀୟ ସ୍କୋରକୁ ୯୩ରେ ପହଞ୍ଚାଇ ଦେଇଥିଲେ। ଲଞ୍ଚ୍ ପରେ ଉଭୟ ବ୍ୟାଟର ଅର୍ଦ୍ଧଶତକ ହାସଲ କରିଥିଲେ। ଅର୍ଦ୍ଧଶତକ ହାସଲ କରିବା ପରେ ରୋହିତଙ୍କ ବ୍ୟାଟରୁ କିଛି ବଡ଼ ସଟ୍ ଦେଖିବାକୁ ମିଳିଥିଲା।

ତାଙ୍କୁ ଜାଡ଼େଜା ପୂରା ସାଥ୍ ଦେଇଥିଲେ। ରୋହିତ ୧୫୭ ବଲରେ ଶତକ ହାସଲ କରି ନିଜ ଦକ୍ଷତାର ପରିଚୟ ଦେଇଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୧୧ତମ ଶତକ। ସେହିପରି ସବୁଠାରୁ ବୟସ୍କ ଭାରତୀୟ କ୍ରିକେଟର ଭାବେ ରୋହିତ ଟେଷ୍ଟ କ୍ରିକେଟରେ ଶତକ ହାସଲ କରିଛନ୍ତି। ୩୬ ବର୍ଷ ୨୯୧ ଦିନ ବୟସରେ ରୋହିତଙ୍କ ବ୍ୟାଟ୍‌ରୁ ଟେଷ୍ଟରେ ଶତକ ଦେଖିବାକୁ ମିଳିଛି। ପୂର୍ବରୁ ଏହି ରେକର୍ଡ ବିଜୟ ହଜାରେଙ୍କ ନାଁରେ ରହିଥିଲା। ସେ ୩୬ ବର୍ଷ ୨୭୮ ଦିନ ବୟସରେ ଟେଷ୍ଟରେ ଶତକ ହାସଲ କରିଥିଲେ।

ଶତକ ହାସଲ କରିବା ପରେ ମଧ୍ୟ ରୋହିତ ଅଟକି ନଥିଲେ। ସେ ଆଉ କିଛି ଦର୍ଶନୀୟ ଛକା ଓ ଚୌକା ମାରିଥିଲେ। ତେବେ ୧୩୧ ରନ କରିଥିବା ରୋହିତଙ୍କୁ ଉଡ୍ ଆଉଟ୍ କରି ଭାରତକୁ ୪ର୍ଥ ଝଟ୍‌କା ଦେଇଥିଲେ। ରୋହିତ ଗୁରୁବାରର ଇନିଂସରେ ୧୪ଟି ଚୌକା ଓ ୩ଟି ଛକା ମାରିଥିଲେ। ସେହିପରି ଜାଡ଼େଜା ଓ ରୋହିତ ୪ର୍ଥ ୱିକେଟ ପାଇଁ ୨୦୪ ରନ ଯୋଡ଼ିଥିଲେ।

ରୋହିତଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିଲେ ଡେବ୍ୟୁଟାଣ୍ଟ ସର୍ଫରାଜ ଖାନ୍। ସେ ଆରମ୍ଭରୁ ହିଁ ଆକ୍ରମଣାତ୍ମକ ସଟ୍ ଖେଳିଥିଲେ। ଜାଡ଼େଜା ଗୋଟିଏ ପଟେ ଛିଡ଼ା ହୋଇଥିବା ବେଳେ ସର୍ଫରାଜ ଚୌକା ଓ ଛକା ମାରିଥିଲେ। ଏଥିସହ ଡେବ୍ୟୁ ମ୍ୟାଚ୍‌ରେ ସେ ମାତ୍ର ୪୮ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ।

ଉଭୟ ଜାଡ଼େଜା ଓ ସର୍ଫରାଜ ଦମ୍‌ଦାର ବ୍ୟାଟିଂ କରୁଥିବା ବେଳେ ହଠାତ୍ ତାଳମେଳର ଅଭାବ ଦେଖିବାକୁ ମିଳିଥିଲା। ଏଥିପାଇଁ ୬୬ ବଲରେ ୬୨ ରନ କରିଥିବା ସର୍ଫରାଜ ରନ ଆଉଟ୍ ହୋଇଯାଇଥିଲେ। ତେବେ ଜାଡ଼େଜା ୧୯୮ ବଲରେ ଶତକ ହାସଲ କରିଥିଲେ। ଏହା ଘରୋଇ ମାଟିରେ ଜାଡ଼େଜାଙ୍କ ଦ୍ୱିତୀୟ ଶତକ ଇଂଲଣ୍ଡ ବିପକ୍ଷରେ ମଧ୍ୟ ଏହା ତାଙ୍କର ଦ୍ୱିତୀୟ ଶତକ।

ସର୍ଫରାଜଙ୍କ ପରେ ନାଇଟୱାଚ୍‌ମ୍ୟାନ ଭାବେ କୁଲଦୀପ ଯାଦବ ବ୍ୟାଟିଂ କରିବାକୁ ଆସିଥିଲେ। ଇଂଲଣ୍ଡ ମଧ୍ୟ ନୂଆ ବଲ୍ ନେଇ ଜାଡ଼େଜା ଓ କୁଲଦୀପଙ୍କ ପାର୍ଟନରସିପ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲା। ହେଲେ ଏହା ଫଳପ୍ରଦ ହୋଇ ନଥିଲା। ଭାରତ ପ୍ରଥମ ଦିନରେ ମୋଟ ୮୬ ଓଭର ବ୍ୟାଟିଂ କରି ୫ ୱିକେଟ ହରାଇ ୩୨୬ ରନ କରି ନେଇଛି।

# ଜିଲ୍ଲା ସ୍ତରୀୟ ଜନଜାତି କ୍ରୀଡ଼ା ମହୋତ୍ସବରେ ବାଲିଗୁଡ଼ା ବ୍ଲକ୍‌ର ଦମ୍‌ଦାର ପ୍ରଦର୍ଶନ




**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ସ୍ତରୀୟ ଜନଜାତି କ୍ରୀଡ଼ା ମହୋତ୍ସବରେ ବାଲିଗୁଡ଼ା ବ୍ଲକ୍‌ର ଦମ୍‌ଦାର ପ୍ରଦର୍ଶନ ଏ ନେଇ ବାଲିଗୁଡ଼ା ବ୍ଲକ ପ୍ରଶାସନ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଜନଜାତି କ୍ରୀଡ଼ା ମହୋତ୍ସବ ଫୁଲବାଣୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଗୁଡ଼ା ବ୍ଲକରୁ ଦଳଗତ ୫ଟି ଓ ବ୍ୟକ୍ତିଗତ ୬ଟି ଇଭେଣ୍ଟରେ ୧୧୬ ଜଣ ଆଦିବାସୀ ଯୁବକ ଯୁବତୀ ଭାଗ ନେଇଥିଲେ। କବାଡ଼ିରେ ପୁରୁଷ ଦଳ ଚାମ୍ପିଅନ ହୋଇଥିବା ବେଳେ ମହିଳା ଦଳ ରନର୍ସଅପ ହୋଇଛନ୍ତି ସେହିଭଳି ବ୍ୟାଡ୍ ମିଣ୍ଟନରେ ସିଙ୍ଗଲ ଓ ଡବଲ୍ସରେ ଉଭୟ ପୁରୁଷ ଓ ମହିଳା ଦଳ ଚାମ୍ପିଅନ ହେବା ସହ ବିଭିନ୍ନ ଖେଳରେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ଯୁବକ ଯୁବତୀଙ୍କ ଅନ୍ତର୍ନିହିତ ଗୁଣର ବିକାଶ ତଥା ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି ଆଦିବାସୀ ଯୁବ କ୍ରୀଡ଼ାବିତ୍।

# ମହିଳା ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଦେବଗଡ଼ର ବିଜୟ ପରେ ଖେଳାଳିଙ୍କ ଅସ୍ୱାଭାବିକ ଆଚରଣ ନେଇ ପରିବାର ଲୋକେ ଚିନ୍ତିତ

**ଦେବଗଡ଼/କଣ୍ଟାମାଳ**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ଠାରେ ଆୟୋଜିତ ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବିଜୟୀ ହେଲା ପରେ ଖେଳାଳିମାନେ ଅସ୍ୱାଭାବିକ ଆଚରଣ କରୁଛନ୍ତି । ୧୨ ଜଣ ମହିଳା ଖେଳାଳିଙ୍କ ମଧ୍ୟରୁ ୫ ଜଣଙ୍କ ଆଚରଣ ବୁଧବାର ଠାରୁ ସଂପୂର୍ଣ୍ଣ ବଦଳି ଯାଇଛନ୍ତି। ଫଳରେ ଖେଳାଳିମାନଙ୍କ ପରିବାର ଲୋକେ ବ୍ୟସ୍ତ ହୋଇପଡ଼ିଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳରେ ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଦେବଗଡ଼ର ମନୋରମା କ୍ଲବ ମହିଳା ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଦଳ ବିଜୟୀ ହୋଇ ଚମ୍ପିଅନ ହୋଇଥିଲା। ଏହି ମ୍ୟାଚ୍ ପରେ ହଠାତ ଦଳର ଜଣେ ଖେଳାଳି ଅସ୍ୱାଭାବିକ ଆଚରଣ କରିଥିଲେ। ସେଠାରେ ଉପସ୍ଥିତ ଆୟୋଜକ କମିଟି ସହାୟତାରେ ସଂପୃକ୍ତ ଖେଳାଳିଙ୍କୁ ଝଡ଼ାଫୁଙ୍କା କଲା ପରେ ସେ ସ୍ୱାଭାବିକ ଅବସ୍ଥାକୁ ଫେରିଥିଲେ ବୋଲି ଦଳ ସହ ଯାଇଥିବା ଟିମ୍ ମ୍ୟାନେଜର ପ୍ରକାଶ କରିଛନ୍ତି। ତେବେ ଗୁରୁବାର ସମସ୍ତ ଖେଳାଳିଙ୍କୁ ନେଇ ଫେରିବା ସମୟରେ ସଂପୃକ୍ତ ଖେଳାଳି ପୁଣିଥରେ ଅସ୍ୱାଭାବିକ ଆଚରଣ କରିଥିଲେ। ପରେ ସେଠାରେ ଥିବା ଅନ୍ୟ ଖେଳାଳିମାନେ ମଧ୍ୟ ଅସ୍ୱାଭାବିକ ଆଚରଣ କରିଥିଲେ। ସମସ୍ତ ଖେଳାଳିଙ୍କୁ ନେଇ ଅଭିଭାବକମାନଙ୍କ ଉପସ୍ଥିତିରେ ଦେବଗଡ଼ ନୀଳବେର୍ଣ୍ଣୀସାହିସ୍ଥିତ ଏକ ଚର୍ଚ୍ଚ ମଧ୍ୟରେ ପୁଣିଥରେ ଝଡ଼ାଫୁଙ୍କା କରାଯାଇଛି। ଅପରାହ୍ନ ସମୟରେ ସମସ୍ତ ଖେଳାଳିଙ୍କ ଅବସ୍ଥାରେ ଉନ୍ନତି ଆସିଥିବା ସୂଚନା ମିଳିଛି।

# ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ସୋଆ କବାଡ଼ି ଟିମ୍‌ର ଦ୍ୱିତୀୟ ସ୍ଥାନ ହାସଲ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗତ ଫେବୃୟାରୀ ୧୩ ତାରିଖ ଦିନ କଟକରେ ଶେଷ ହୋଇଥିବା ଦ୍ୱିତୀୟ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ପୁରୁଷ କବାଡ଼ି ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ଏହି ଦଳ ଫାଇନାଲରେ ପୁରୀର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଠାରୁ ୨୩ -୪୮ ପଏଣ୍ଟରେ ହାରି ଯାଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଏହି ପ୍ରତିଯୋଗିତା ଏହି ଆୟୋଜିତ ହୋଇଥିଲା। ସେହିପରି ବାସ୍କେଟ ବଲରେ ସୋଆର ପୁରୁଷ ଟିମ୍ ସେମିଫାଇନାଲରେ ୩୯- ୫୪ ପଏଣ୍ଟରେ ଉତ୍କଳ ବିଶ୍ୱବିଦ୍ୟାଳୟଠାରୁ ପରାଜୟ ବରଣ କରି ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ପୁରୁଷ ଟେବୁଲ ଟେନିସ୍‌ର ସେମିଫାଇନାଲରେ ସୋଆର ଅବିନାଶ ତ୍ରିପାଠୀ ପରାସ୍ତ ହୋଇ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ଖେଳାଳିମାନେ ଗୁରୁବାର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ସାକ୍ଷାତ୍ କରିଥିବାବେଳେ ସେ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ଆହୁରି ଭଲ ପ୍ରଦର୍ଶନ ନିମନ୍ତେ ପ୍ରୋତ୍ସାହନ ଦେଇଥିଲେ।



# ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଟି-୨୦ ବିଶ୍ୱକପ ଖେଳିବ ଭାରତ

**ନୂଆଦିଲ୍ଲୀ**

ଜୁନ ୧ରୁ ଆରମ୍ଭ ହେଉଥିବା ଟି-୨୦ ବିଶ୍ୱକପରେ ରୋହିତ ଶର୍ମା ଖେଳିବେ। କେବଳ ଖେଳିବେ ନାହିଁ, ବରଂ ଭାରତର ନେତୃତ୍ୱ ମଧ୍ୟ ନେବେ। ବିସିସିଆଇ ସମ୍ପାଦକ ଜୟ ଶାହ ଏହା ନିଶ୍ଚିତ କରିଛନ୍ତି। ତାଙ୍କ କହିବା କଥା ଯେ ରୋହିତ ଶର୍ମାଙ୍କ କ୍ୟାପ୍ଟେନ୍ସିରେ ଭାରତ ଟି-୨୦ ବିଶ୍ୱକପ ଜିତିବ।

ଶ୍ରୀ ଶାହ ନିରଞ୍ଜନ ଶାହ ଷ୍ଟାଡିୟମର ଉଦ୍‌ଘାଟନ ଅବସରରେ ରୋହିତ ଟି-୨୦ ବିଶ୍ୱକପରେ ଭାରତର ନେତୃତ୍ୱ ନେବେ ବୋଲି ସେ କହିଛନ୍ତି। ୨୦୨୨ ଟି-୨୦ ବିଶ୍‌କପ ସେମି ଫାଇନାଲରେ ଭାରତ ହାରିବା ପରଠାରୁ ରୋହିତ ଶର୍ମା ଟି-୨୦ ମ୍ୟାଚ୍ ଖେଳି ନଥିଲେ। କିନ୍ତୁ ନିକଟରେ ଶେଷ ହୋଇଥିବା ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ କମ୍‌ବ୍ୟାକ୍ କରିଥିଲେ। ପ୍ରଥମ ଦୁଇ ମ୍ୟାଚ୍‌ରେ ଫ୍ଲପ୍ ମାରିଥିବା ରୋହିତ ଶେଷ ଟି-୨୦ରେ ଶତକ ହାସଲ କରି ନିଜ ଦକ୍ଷତାର ପରିଚୟ ଦେଇଥିଲେ।

ତଥାପି ରୋହିତ ଟି-୨୦ ବିଶ୍ୱକପରେ ଭାରତର ନେତୃତ୍ୱ ନେବେ କି ନାହିଁ, ତାକୁ ନେଇ ସଂଶୟ ଲାଗି ରହିଥିଲା। ହେଲେ ଜୟ ଶାହ ନିଶ୍ଚିତ କରିଛନ୍ତି ଯେ ରୋହିତ ଶର୍ମା ହିଁ ଭାରତର କମାଣ ଟି-୨୦ ବିଶ୍ୱକପରେ ସମ୍ଭାଳିବେ।

ରୋହିତ କ୍ୟାପ୍ଟେନ୍ସି କରିବାକୁ ଯାଉଥିବାରୁ ବିରାଟ କୋହଲି ମଧ୍ୟ ଟି-୨୦ ବିଶ୍ୱକପ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଦୁଇ ବରିଷ୍ଠ ଖେଳାଳି ବିଶ୍ୱକପ ଖେଳିବାକୁ ଇଚ୍ଛୁକ ଥିବା ଜାନୁଆରୀ ମାସରେ ରିପୋର୍ଟ ମଧ୍ୟ ପ୍ରକାଶ ପାଇଥିଲା। ଟି-୨୦ ବିଶ୍ୱକପ ଜୁନ ୧ରୁ ୨୯ ଯାଏ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ହେବ। ଭାରତ ତା’ର ବିଶ୍ୱକପ ଅଭିଯାନ ଆୟର୍ଲ୍ୟାଣ୍ଡ ବିପକ୍ଷରୁ ଆରମ୍ଭ କରିବ। ଏହି ମ୍ୟାଚ୍‌ଟି ଜୁନ ୫ରେ ନ୍ୟୁୟର୍କରେ ଖେଳାଯିବ। ଜୁନ ୯ରେ ଦଳ ପାକିସ୍ତାନ ଓ ଜୁନ ୧୫ରେ କାନାଡାକୁ ଭେଟିବ।

# ଚେନ୍ନାଇ ସୁପର କିଙ୍ଗ୍ସର ନୂଆ ବ୍ରାଣ୍ଡ ଆମ୍ବାସାଡ଼ର ହେଲେ କ୍ୟାଟ୍ରିନା



**ମୁମ୍ବାଇ**

ବଲିଉଡ୍‌ର ବାର୍ବି ଡଲ୍ କ୍ୟାଟ୍ରିନା କୈଫ୍। ଫିଲ୍ମ ପରେ କ୍ୟାଟ୍ରିନା କ୍ରିକେଟ ଦୁନିଆରେ ତାଙ୍କର ଷ୍ଟାର ପାୱାର ଦେଖାଇବେ। ଆଇପିଏଲ ଦଳ ଚେନ୍ନାଇ ସୁପର କିଙ୍ଗ୍ସ କ୍ୟାଟ୍ରିନା କୈଫଙ୍କୁ ବ୍ରାଣ୍ଡ ଆମ୍ବାସାଡ଼ର ଭାବେ ବାଛିଛନ୍ତି। ଏପରି ପରିସ୍ଥିତିରେ, ବର୍ତ୍ତମାନ ଅଭିନେତ୍ରୀ ନିଜର ଯାଦୁକରୀ ଉପସ୍ଥିତି ସହିତ ଦଳର ଫ୍ୟାନ-ଫଲୋଇଂ ବଢାଇବାରେ ସାହାଯ୍ୟ କରିବ। ଚେନ୍ନାଇ ସୁପର କିଙ୍ଗ୍ସର ସମଗ୍ର ବିଶ୍ୱରେ ଏକ ବଡ଼ ପ୍ରଶଂସକ ଅଛନ୍ତି। କିନ୍ତୁ ଅଭିନେତ୍ରୀ ବ୍ରାଣ୍ଡ ଆମ୍ବାସାଡ଼ର ହେବା ପରେ ଏହା ଆହୁରି ବୃଦ୍ଧି ପାଇବ। ତେବେ ସିଏସ୍‌କେ ଏପର୍ଯ୍ୟନ୍ତ ଅଫିସିଆଲ ଭାବେ ଏହି ଖବର ଘୋଷଣା କରିନାହିଁ। ୨୦୨୪ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ସିଏସ୍‌କେ ଦଳ ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫଙ୍କୁ ବ୍ରାଣ୍ଡ ଆମ୍ବାସାଡ଼ର କରିଛନ୍ତି। ଏତିହାଦ୍ ଏୟାରୱେଜର ବ୍ରାଣ୍ଡ ଆମ୍ବାସାଡ଼ର କ୍ୟାଟ୍ରିନା। ୨୦୨୩ରେ ଏତିହାଦ ଏୟାରୱେଜ ସହିତ ଜଡ଼ିତ ଥିଲେ। ଏଥି ସହିତ ଚେନ୍ନାଇ ସୁପର କିଙ୍ଗ୍ସ ୟୁଏଇର ଜାତୀୟ ବିମାନ କମ୍ପାନୀ ଏତିହାଦ ଏୟାରୱେଜ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହା ସହିତ ସିଏସ୍‌କେ ଦଳ କ୍ୟାଟ୍ରିନାଙ୍କୁ ମଧ୍ୟ ଏହାର ବ୍ରାଣ୍ଡ ଆମ୍ବାସାଡ଼ର ଭାବେ ନିଯୁକ୍ତ କରିଛନ୍ତି।

# ଭାରତର ପିଏଲଆଇ ଯୋଜନାର ସଫଳତା ଓ ଭବିଷ୍ୟତ ସଫଳତାର ଆକଳନ



**ଶ୍ରୀ ରାଜେଶ କୁମାର ସିଂହ**
ସଚିବ, ଡିପିଆଇଆଇଟି

ଭାରତର ଉଲ୍ଲେଖନୀୟ ବିକାଶ ଗାଥାରେ ଯଦି ନିରନ୍ତର ଭାବରେ କିଛି ଚାଲେଞ୍ଜ୍ ରହିଛି, ତାହା ନିଶ୍ଚିତ ଭାବରେ ଏହାର ଉତ୍ପାଦନ କ୍ଷେତ୍ରରେ ହିଁ ରହିଛି। ଭାରତର ସାମଗ୍ରିକ ମୂଲ୍ୟ ସଂଯୋଗରେ ଉତ୍ପାଦନ କ୍ଷେତ୍ରର ଅଂଶ ମାତ୍ର କ୍ରମିକ ଭାବରେ ପଛୁଆ ରହିଆସିଛି ଏବଂ ଏବେ ଏହାର ମାତ୍ରା ମାତ୍ର ୧୭.୪% ଯାହାକି କୃଷି କ୍ଷେତ୍ରର ଅଂଶଠାରୁ ସୁଦ୍ଧା କମ୍। ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଅଭିବୃଦ୍ଧି ଘଟାଇବା ସକାଶେ ସରକାର ନିରବଚ୍ଛିନ୍ନ ଭାବରେ ପ୍ରୟାସ ଜାରି ରଖଛନ୍ତି ଏବଂ ସେଥି ନିମନ୍ତେ ବିଭିନ୍ନ ଉପକ୍ରମମାନ ଆରମ୍ଭ କରିଛନ୍ତି। ସେହିସବୁ ଉପକ୍ରମଗୁଡ଼ିକ ମଧ୍ୟରେ ଉତ୍ପାଦନ ଆଧାରିତ ପ୍ରୋତ୍ସାହନ ଯୋଜନା (ପି.ଏଲ.ଆଇ.)କୁ ଆତ୍ମନିର୍ଭର ଭାରତ ଅଭିଯାନର ଅଂଶବିଶେଷ ସ୍ୱରୂପ ଅଗ୍ରପ୍ରାଧାନ୍ୟ ପ୍ରଦାନ କରାଯାଇଛି।

ଘରୋଇ ଉତ୍ପାଦନ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ, ଉତ୍ପାଦନ କ୍ଷମତା ବୃଦ୍ଧି ତଥା ଦେଶକୁ ଉତ୍ପାଦନ କ୍ଷେତ୍ରରେ ଏକ ବୈଶ୍ୱିକ ଚାମ୍ପିଅନ୍ ଭାବରେ ଉପସ୍ଥାପିତ କରିବା ଲକ୍ଷ୍ୟରେ ପି.ଏଲ.ଆଇ. ଯୋଜନାର ପରିକଳ୍ପନା କରାଯାଇଛି। ଏହାର ବ୍ୟାପକ ଲକ୍ଷ୍ୟ ମଧ୍ୟରେ କର୍ମନିଯୁକ୍ତି ସୃଷ୍ଟି, ବ୍ୟାପକ ପୁଞ୍ଜିନିବେଶ ପାଇଁ ନିବେଶକଙ୍କୁ ଆକୃଷ୍ଟ କରିବା, ରପ୍ତାନିବୃଦ୍ଧି ଏବଂ ଭାରତକୁ ବିଶ୍ୱ ଉତ୍ପାଦନ କ୍ଷେତ୍ରର ଏକ ପେଣ୍ଠସ୍ଥଳରେ ପରିଣତ କରିବା ଆଦି ସାମିଲ। ଏହାର ବିବିଧ ପରିଣତି ସ୍ୱରୂପ ଉତ୍ପାଦନ ବୃଦ୍ଧି ମାଧ୍ୟମରେ ଦେଶର ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.)ପ୍ରତି ଅଧିକ ଯୋଗଦାନ ଏବଂ ଘରୋଇ ଉତ୍ପାଦନ ସଂସ୍ଥାଗୁଡ଼ିକ କ୍ଷେତ୍ରୀୟ ଏବଂ ବୈଶ୍ୱିକ ଉତ୍ପାଦନ ନେଟୱାର୍କ ସହିତ ନିରବଚ୍ଛିନ୍ନ ଭାବରେ ସଂଯୋଗ କରିବାର ଉଦ୍ଦେଶ୍ୟ ରହିଛି।

ଏହି ଯୋଜନା ପ୍ରବର୍ତ୍ତନ ହେବା ଦିନଠାରୁ ଏଥିରୁ ଅନେକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରାଯାପାରିଛି। ଏପର୍ଯ୍ୟନ୍ତ ସରକାର ଏହି ଯୋଜନା ଅଧୀନରେ ମୋଟ୍ ୭୪୬ ଗୋଟି ଆବେଦନକୁ ମଞ୍ଜୁରି ପ୍ରଦାନ କରିଛନ୍ତି ଯାହା ଫଳରେ ମୋଟ୍ ୧.୦୭ ଲକ୍ଷ କୋଟି ଟଙ୍କାର ପୁଂଜିନିବେଶ ସଂଗ୍ରହ କରାଯାଇପାରିଛି। ସେହିଭଳି କର୍ମନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ମଧ୍ୟ ଏହା ବେଶ୍ ମହତ୍ତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଏହା ମାଧ୍ୟମରେ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଭାବରେ ପ୍ରାୟ ୭ ଲକ୍ଷ କର୍ମନିଯୁକ୍ତି ସୃଷ୍ଟି ହୋଇପାରିଛି। ଅଧିକନ୍ତୁ, ଉତ୍ପାଦନ ଓ ବିକ୍ରୟ ପରିମାଣ ୮.୭୦ ଲକ୍ଷ କୋଟି ଟଙ୍କା ଛୁଇଁଛି ଏବଂ ସେଥି ନିମନ୍ତେ ସରକାର ୪,୪୧୭ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ କରିଛନ୍ତି ଯାହା ଫଳରେ ୮ଗୋଟି ପି.ଏଲ.ଆଇ କ୍ଷେତ୍ରର ୧୭୬ ଗୋଟି ଏମ୍‌ଏସ୍‌ଏମ୍‌ଇ ସଂସ୍ଥା ପ୍ରତ୍ୟକ୍ଷ ଭାବରେ ଉପକୃତ ହୋଇଛନ୍ତି।

୨୦୨୧- ୨୨ ଠାରୁ ୨୦୨୮-୨୯ ଆଥକ ବର୍ଷ ପର୍ଯ୍ୟନ୍ତ ମୋଟ ସାତ ବର୍ଷ ପାଇଁ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ଅଦ୍ୟାବଧି ୧୪ ଗୋଟି ପ୍ରମୁଖ କ୍ଷେତ୍ରରେ ୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ହାସଲ କରିସାରିଛି। ଏଥିରେ ଉଭୟ ଘରୋଇ ଏବଂ ଅନ୍ତରାଷ୍ଟ୍ରୀୟ କ୍ଷେତ୍ରର ପ୍ରମୁଖ ଶିଳ୍ପସଂସ୍ଥାମାନେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଭାରତୀୟ ଏବଂ ଅନ୍ତରାଷ୍ଟ୍ରୀୟ କମ୍ପାନୀମାନେ, ଯଥା, ଫକ୍ସକନ୍, ସାମସୁଙ୍ଗ୍, ୱିପ୍ରୋ, ଟାଟା, ରିଲାଏନ୍ସ, ଜେଏସଡବ୍ଲୁ, ଡାବର ଭଳି ସଂସ୍ଥାଙ୍କ ନାମ ଉଲ୍ଲେଖଯୋଗ୍ୟ।

ପି.ଏଲ.ଆଇ ଯୋଜନା ସ୍ମାର୍ଟଫୋନ୍ ଉତ୍ପାଦନ କ୍ଷେତ୍ରରେ ବିଶେଷ ରୂପେ ଫଳପ୍ରସୂ ହୋଇଥିବା ପ୍ରମାଣିତ ହୋଇଛି ଯାହା ଫଳରେ ଦେଶରୁ ମୋଇବାଲ୍ ରପ୍ତାନୀ ମାତ୍ର କିଛି ବର୍ଷ ପୂର୍ବେ ଆଦୌ ନଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ତାହା ୧୧ ବିଲିଅନ ଡଲାର ଛୁଇଁଛି। ଆଗାମୀ ଦୁଇରୁ ତିନି ବର୍ଷ ମଧ୍ୟରେ ଅନ୍ୟ ୧୪ଗୋଟି କ୍ଷେତ୍ରରେ ଏହାର ବ୍ୟାପକ ପ୍ରଭାବ ପରିଲକ୍ଷିତ ହେବାର ଆଶା କରାଯାଏ। ମୋବାଇଲ୍ ଉତ୍ପାଦନରେ (ବର୍ତ୍ତମାନ ୨୦ ପ୍ରତିଶତ)ରେ ସ୍ଥାନୀୟ ମୂଲ୍ୟ ସଂଯୋଗର ମାତ୍ରା ଅତି ସାମାନ୍ୟ ବୋଲି ଅନେକ ସମୟରେ କେହି କେହି ସଦାବେଳେ ଆଶଙ୍କା ବ୍ୟକ୍ତ କରିଆସୁଛନ୍ତି। କିନ୍ତୁ ଏଭଳି ଆଶଙ୍କା ଅମୂଳକ। କାରଣ ଏହି କ୍ଷେତ୍ରରେ ସ୍ଥାନୀୟ ଧାରା ନିରବଚ୍ଛିନ୍ନ ଭାବରେ ବୃଦ୍ଧି ପାଇ ଚାଲିଛି ଏବଂ ଇ-ଯାନ କ୍ଷେତ୍ରରେ ୫୦% ଘରୋଇ ମୂଲ୍ୟ ସଂଯୋଗ (ଡିଭିଏ)କୁ ବାଧ୍ୟତାମୂଳକ କରାଯାଇଛି ଅଥବା ‘ହ୍ୱାଇଟ୍ ଗୁଡ୍’ କ୍ଷେତ୍ରରେ ଡିଭିଏର ମାତ୍ରା ଏବେ ୪୫% ଛୁଇଁଛି ଏବଂ ୨୦୨୮-୨୯ ମସିହା ସୁଦ୍ଧା ଏହା ୭୫%କୁ ବୃଦ୍ଧି ପାଇବ ବୋଲି ଲକ୍ଷ୍ୟ ରଖାଯାଇଛି।

ଅଧିକନ୍ତୁ, ପି.ଏଲ.ଆଇ ଯୋଜନାର ଡିଜାଇନ୍ ଏକଥାକୁ ସୁନିଶ୍ଚିତ କରିଛି ଯେ ବିକ୍ରୟ ବୃଦ୍ଧି (ରପ୍ତାନୀ ସମେତ) ଜରିଆରେ ଅତିରିକ୍ତ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବ ଯାହାକି ପ୍ରୋତ୍ସାହନ ରାଶି ପ୍ରଦାନ ପୂର୍ବରୁ ହାସଲ କରାଯାଇ ପାରିବ। ଏହାର ଅର୍ଥ ହେଲା, ବର୍ତ୍ତମାନର ନିଟ୍ ମୂଲ୍ୟ (ଏନ.ପି.ଭି.) ଏହି ଯୋଜନାକୁ ଆତ୍ମ-ପୋଷଣୀୟ କରିଛି ଏବଂ ଥରେ ରାଜସ୍ୱ ପ୍ରବାହ (ଜିଏସ୍‌ଟି ଓ ପ୍ରତ୍ୟକ୍ଷ କର ସଂଗ୍ରହ ଆକାରରେ)କୁ ପ୍ରୋତ୍ସାହନ ରାଶି ବଣ୍ଟନ ତୁଳନାରେ ହିସାବକୁ ନିଆଯିବା ପରେ ଏହା ଅଧିକ ସଫଳତା ହାସଲ କରିବ। ଏହା ସୁନିଶ୍ଚିତ କରିବ ଯେ ସବ୍‌ସିଡ଼ି ରାଶି ପାଇବା ପରେ ୟୁନିଟ୍‌ମାନେ କୌଣସି ବିପଣନ କେନ୍ଦ୍ର ସ୍ଥାପନ କରିବା କିମ୍ବା ନିଜ ୟୁନିଟ୍‌କୁ ବନ୍ଦ୍ କରିବାର ସ୍ୱଳ୍ପ ଅଧବା କୌଣସି ସୁଯୋଗ ପାଇବେନାହିଁ। କାରଣ ଅନ୍ୟାନ୍ୟ ସରକାରୀ ସବ୍‌ସିଡ଼ି ପ୍ରଦାନକାରୀ ଯୋଜନାମାନଙ୍କ କ୍ଷେତ୍ରରେ ଏହିଭଳି ଆଶଙ୍କା ପରିଲକ୍ଷିତ ହୋଇଛି।

ସରକାର ଅତିରିକ୍ତ ସୁବିଧା ଓ ବ୍ୟବସ୍ଥା କରି ପି.ଏଲ.ଆଇ ଯୋଜନାକୁ ଅଧିକ ସୁଦୃଢ଼ ଓ ସକ୍ଷମ କରିଛନ୍ତି। ସେଥିମଧ୍ୟରେ ଗୁଣାତ୍ମକ ମାନ ନିୟନ୍ତ୍ରଣ ସାମିଲ ଯାହାକି ସ୍ଥାନୀୟ ଉତ୍ପାଦନକୁ ସୁରକ୍ଷିତ କରିପାରିବ। ଏଭଳି ରଣନୀତିକ କାର୍ଯ୍ୟପନ୍ଥା ଖେଳଣା ଶିଳ୍ପର ଅଭିବୃଦ୍ଧିକୁ ପ୍ରୋତ୍ସାହନ ଯୋଗାଇଛି। ଉଦାହରଣ ସ୍ୱରୂପ, ପୂର୍ବରୁ ମାତ୍ର ୯୬ ନିୟୁତ ଡଲାର ମୂଲ୍ୟର ଖେଳଣା ଭାରତରୁ ରପ୍ତାନୀ କରାଯାଉଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ତାହା ୩୨୬ ନିୟୁତ ଡଲାର ଛୁଇଁଛି। ଅନୁରୂପ ଭାବେ, ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ନୀତିଗତ ସଂସ୍କାର ଜରିଆରେ ସ୍ଥାନୀୟ ଆହରଣ ଓ ପ୍ରତିରକ୍ଷା କରିଡୋର ଖୋଲା ମାଧ୍ୟମରେ ଏଥିରେ ବ୍ୟାପକ ପ୍ରଗତି ହାସଲ କରାଯାଇଛି। ପରିଣାମତଃ, ୨୦୧୪-୧୫ ମସିହାରେ ଦେଶରୁ ମାତ୍ର ୭୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରାଯାଇଥିବା ବେଳେ ୨୦୨୨-୨୩ ମସିହାରେ ତାହା ୧୬,୦୦୦ କୋଟି ଟଙ୍କା ଛୁଇଁଛି।

ଏହିସବୁ ସଫଳତା ସୂଚୀତ କରେ ଯେ ଧୀରେ ଧୀରେ ଘଟୁଥିବା ଏହି ବିକାଶ ସମୟକ୍ରମେ ଏକ ବିଶାଳ ଓ ଆତ୍ମ-ପୋଷଣୀ ବ୍ୟବସ୍ଥାର ଆକାର ଧାରଣ କରିବ। ପି.ଏଲ.ଆଇ. ଯୋଜନା ଅତ୍ୟାଧୁନିକ ପ୍ରଯୁକ୍ତି ଉପରେ ଗୁରୁତ୍ୱ ଆରୋପ କରେ ଯାହାକି ବର୍ତ୍ତମାନର ଶ୍ରମ ଶକ୍ତିକୁ ଅଧିକ କୁଶଳୀ କରିବ ଏବଂ ପ୍ରଯୁକ୍ତି ଦୃଷ୍ଟିର ପୁରୁଣା ଯନ୍ତ୍ରପାତିକୁ ପରିବର୍ତ୍ତିତ କରି ଏହା ସ୍ଥାନରେ ଆଧୁନିକ ମେସିନ୍ ଅବସ୍ଥାପିତ କରିବ ତଥା ଭାରତୀୟ ଉତ୍ପାଦନ କ୍ଷେତ୍ରକୁ ବୈଶ୍ୱିକ ସ୍ତରରେ ଅଧିକ ପ୍ରତିଦ୍ୱନ୍ଦ୍ୱୀ କରିପାରିବ। ଉତ୍ପାଦନ ବୃଦ୍ଧି ଉପଭୋକ୍ତାମାନଙ୍କ ଚାହିଦା ବୃଦ୍ଧି କରିବାରେ ସହାୟକ ହୋଇଛି, ବିଶେଷ କରି ଟେଲିକମ୍ ଏବଂ ନେଟୱାର୍କିଂ ଉତ୍ପାଦନ କ୍ଷେତ୍ରରେ ଏହା ପରିଲକ୍ଷିତ ହୋଇଛି। ଏହିସବୁ କ୍ଷେତ୍ରରେ ପି.ଏଲ.ଆଇ ଯୋଜନାର ସମୟୋପଯୋଗୀ ହସ୍ତକ୍ଷେପ ଭାରତସାରା ୪ଜି ଏବଂ ୫ଜି ଉତ୍ପାଦ ବ୍ୟବସ୍ଥାର ଆହରଣକୁ ତ୍ୱରାନ୍ୱିତ କରିଛି।

ଏହାତିରିକ୍ତ, ପି.ଏଲ.ଆଇ ଯୋଜନାକୁ ଇ-ଯାନ, ସୌର ପାନେଲ ଇତ୍ୟାଦି ସବୁଜ ପ୍ରଯୁକ୍ତିରେ ପ୍ରବର୍ତ୍ତନ କରାଯାଇଛି ଏବଂ ଏଥି ସହିତ ଏହାକୁ ଚାହିଦା ପାର୍ଶ୍ୱ ଯଥା ‘ଫେମ୍’ ଯୋଜନା ସହିତ ସଂଯୋଗ କରାଯାଇଛି ଯାହାକି ଅକ୍ଷୟ ଶକ୍ତିର ବ୍ୟବହାର ବୃଦ୍ଧିକୁ ବାଧ୍ୟତାମୂଳକ କରିଛି। ଏହା ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରର ଏନ୍‌ଡିସି ଲକ୍ଷ୍ୟକୁ ଅତିକ୍ରମ କରିବା ଦିଗରେ ଭାରତକୁ ସହାୟକ ହୋଇଛି। ପି.ଏଲ.ଆଇ ଅଧୀନରେ ବିକ୍ରୟ ବୃଦ୍ଧି ଉନ୍ନତ ଲଜିଷ୍ଟିକ୍ସ ସଂଯୋଗୀକରଣର ଆବଶ୍ୟକତାକୁ ତ୍ୱରାନ୍ୱିତ କରିଛି ଏବଂ ଆମର ଭିତ୍ତିଭୂମି କ୍ଷେତ୍ରରେ ପର୍ଯ୍ୟାପ୍ତ ପୁଞ୍ଜି ନିବେଶର ଆବଶ୍ୟକତାକୁ ମଧ୍ୟ ପୂରଣ କରିଛି। ଏଥିରେ ପ୍ରଧାନମନ୍ତ୍ରୀ ଗତି ଶକ୍ତି ମାଷ୍ଟର ପ୍ଲାନ୍ ସହାୟକ ହେବା ସହ ଦେଶସାରା ଉତ୍ପାଦନ ଜୋନ୍‌କୁ ବିବିଧ ମଳେଡ୍‌ଯୁକ୍ତ ସଂଯୋଗୀକରଣ ବ୍ୟବସ୍ଥା ଯୋଗାଇ ଦେଇଛି। ‘ପ୍ଲଗ୍ ଆଣ୍ଡ ପ୍ଲେ’ଯୁକ୍ତ କ୍ଲଷ୍ଟର୍ ପାର୍କ ଜରିଆରେ ଦେଶର ବିଭିନ୍ନ ଉତ୍ପାଦନ କ୍ଷେତ୍ରରେ ଏହି ସୁବିଧା ଉପଲବ୍ଧ ହୋଇଛି।

ରାଜ୍ୟମାନଙ୍କ ଘନିଷ୍ଠ ସହଯୋଗରେ ଏହି ସମାବେଶୀ କାର୍ଯ୍ୟପନ୍ଥା ସଫଳ ହୋଇପାରିଛି ଯାହାକି ଦେଶର ଅଭ୍ୟନ୍ତରରେ ଥିବା ଶିଳ୍ପସଂସ୍ଥା ଏବଂ ଶିଳ୍ପୀମାନଙ୍କୁ ସଶକ୍ତ କରିଛି। ସେମାନେ ଭାରତର ବିକାଶ ଗାଥାରେ ଏକ ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ ହୋଇଛନ୍ତି। ଏକ-ଜିଲ୍ଲା-ଏକ-ଉତ୍ପାଦ ଏବଂ ‘ସ୍ଫୂର୍ତ୍ତି’ ଭଳି ଉପକ୍ରମ ମାଧ୍ୟମରେ ଏକ କ୍ଲଷ୍ଟର-ଆଧାରିତ ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଇଛି ଯାହା ପାରମ୍ପରିକ ଶିଳ୍ପସଂସ୍ଥାମାନଙ୍କ ଅଭିବୃଦ୍ଧିକୁ ସହାୟକ ହୋଇଛି ଓ ଏହା ଫଳରେ ଭାରତ ତଥା ଏହାର ଶିଳ୍ପସଂସ୍ଥାମାନଙ୍କର ତାତ୍କାଳିକ ଓ ଦୀର୍ଘକାଳୀନ ସମସ୍ୟା ଦୂର ହୋଇପାରିଛି।

ବୈଶ୍ୱିକ ମହାମାରୀ କରୋନା ସମୟରେ ଯେଉଁସବୁ ଚାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା ଏବଂ ଏହାର ପରବର୍ତ୍ତୀ ପରିଣାମ ବିଶ୍ୱର ସାମାଜିକ-ଆର୍ଥିକ ସ୍ଥିତିକୁ ଓଲଟପାଲଟ କରିଦେଇଛି। ଏହାର ମୁକାବିଲା ସକାଶେ ପି.ଏଲ.ଆଇ ଯୋଜନା ଏକ ସୁଚିନ୍ତିତ କାର୍ଯ୍ୟକ୍ରମ ଭାବରେ ପ୍ରମାଣିତ ହୋଇପାରିଛି। ଏହା ସହିତ ସଂଶ୍ଳିଷ୍ଟ ବ୍ୟବସ୍ଥା ସୁନିଶ୍ଚିତ କରିଛି ଯେ ବୈଶ୍ୱିକ ମୂଲ୍ୟ ଚେନ୍ (ଜିଭିସି) ସହିତ ସମନ୍ୱିତ ହେବା ନିମନ୍ତେ ଭାରତ ରଣନୀତିକ ଦୃଷ୍ଟିକୋଣରୁ ସକ୍ଷମ ଏବଂ ଏହି କ୍ରମରେ ଯୋଗାଣ ଚେନ୍ ବିବିଧିକରଣକୁ ମଧ୍ୟ ସହାୟକ ହେଉଛି। ଏଥି ସହିତ ବୈଶ୍ୱିକ ଅସ୍ଥିର ଦୃଶ୍ୟପଟ୍ଟରେ ଜାତୀୟ ନିରାପତ୍ତାକୁ ମଧ୍ୟ ଶକ୍ତି ଯୋଗାଇଛି। ଭାରତୀୟ ଉତ୍ପାଦନକାରୀ ମାନେ ଏବେ ଦୃଢ଼ତାର ସହିତ ସେମାନଙ୍କର ଅନୁକୂଳ କ୍ଷେତ୍ର ଅତିକ୍ରମ କରି ରାଷ୍ଟ୍ରର ପରିକଳ୍ପନାକୁ ସାକାର କରିବା ସହିତ ବିଶ୍ୱ ଚାମ୍ପିଅନ୍ ଏବଂ ବିକଶିତ ହେବା ମାର୍ଗରେ ଧାବମାନ ହୋଇପାରିଛନ୍ତି।

ପରିଶେଷରେ କୁହାଯାଇପାରେ ଯେ ପି.ଏଲ.ଆଇ ଯୋଜନା ଭାରତର ଉତ୍ପାଦନ ପ୍ରେକ୍ଷାପଟ୍ଟକୁ ଏକ ପ୍ରମୁଖ ଶକ୍ତି ଭାବରେ ଗଢ଼ି ତୋଳିଛି। ଏହାର ରଣନୀତିକ ଉପକ୍ରମର ପଟ୍ଟ ପରିବର୍ତ୍ତନକାରୀ କ୍ଷମତା ଦେଶକୁ ସଫଳତା ପ୍ରଦାନ କରିବା ସହ ବିଶ୍ୱ ଆର୍ଥିକ ଶକ୍ତିକେନ୍ଦ୍ର ଭାବେ ଭାରତକୁ ଉପସ୍ଥାପନ କରିବାର ସାମର୍ଥ୍ୟ ଯୋଗାଇଛି। ଏହି ଯୋଜନା ଭାରତକୁ ଭବିଷ୍ୟତକୁ ନବସୃଜନ, ପୋଷଣୀୟତା ଏବଂ ସମାବେଶୀ ବିକାଶ ଧାରା ମାଧ୍ୟମରେ ଆଗକୁ ଆଗେଇ ନେଉଛି ଏବଂ ଅଧୁନା ଉତ୍ପାଦନ ଉତ୍କର୍ଷର ନୂତନ ଯୁଗରେ ଦେଶ ଏକ ଅଗ୍ରଣୀ ରାଷ୍ଟ୍ରରେ ପରିଣତ ହୋଇଛି।

ଭୁବନେଶ୍ୱର
୧୬ ଫେବୃୟାରୀ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24




ଭୁବନେଶ୍ୱର : ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସମ୍ବଲପୁରର ଜନସାଧାରଣଙ୍କ ସହ ସେମାନଙ୍କ ସମସ୍ୟା ଓ ତା'ର ସମାଧାନ ସଂପର୍କରେ ଭିସି ମାଧ୍ୟମରେ ଯୋଗାଯୋଗ କରୁଛନ୍ତି ।

# 'ସରକାରଙ୍କ ନୀତିରେ ନିରନ୍ତରତା ପାଇଁ ରାଜ୍ୟରେ ନିବେଶ ବଢ଼ିଛି'

**ଭୁବନେଶ୍ୱର, ୧୫/୨ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ହୋଇଛି। ଅନ୍ୟ ରାଜ୍ୟ ସହ ୫ ମାନଦଣ୍ଡରେ ବିଚାର କରାଯାଇ ଏହି ଫଳାଫଳ ସାମ୍ନାକୁ ଆସିଛି । ଓଡ଼ିଶାର ସବୁ କ୍ଷେତ୍ରରେ ସବୁ ଅଞ୍ଚଳରେ ବିକାଶ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ସ୍ଥିର ନେତୃତ୍ୱ, ଦୂରଦୃଷ୍ଟି ଏବଂ ଦୃଢ ଇଚ୍ଛାଶକ୍ତି ପାଇଁ ଏହା ସମ୍ଭବ ହୋଇପାରିଛି । ଭିତ୍ତିଭୂମି ବିକାଶ କାରଣରୁ ମଧ୍ୟ ନିବେଶ ବଢ଼ିଛି।

ଖୋର୍ଦ୍ଧା, ବାଲେଶ୍ୱର, ଯାଜପୁର ଭଳି ଜିଲ୍ଲାରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଓଡ଼ିଶାକୁ ଯେଉଁ ନୂଆ ନିବେଶ ଆସୁଛି ସେମାନେ ଓଡ଼ିଶାରୁ ନିଯୁକ୍ତି ଦେଉଛନ୍ତି। ନିରପେକ୍ଷ ସଂସ୍ଥା ଓଡ଼ିଶାରେ ନିବେଶର ଭବିଷ୍ୟତକୁ ନେଇ ଭଲ ରିପୋର୍ଟ ଦେଇଛନ୍ତି। ଓଡ଼ିଶା ସରକାରଙ୍କ ଉପରେ ବିଶ୍ୱାସ କାରଣରୁ



ବାହାରୁ ନିବେଶ ଆସୁଛି । ବିଗତ ୭ ବର୍ଷରେ ୧ ଲକ୍ଷ ୮୫ ହଜାର କୋଟିର ନିବେଶ ହୋଇଛି । ଏକ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଖୋର୍ଦ୍ଧାରେ ଅଧିକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି । ଖୋର୍ଦ୍ଧା ପରେ ଯାଜପୁରର ସ୍ଥାନ। ଯାଜପୁର ପରେ ବାଲେଶ୍ୱରର ସ୍ଥାନ ରହିଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁସାରେ ମହାରାଷ୍ଟ୍ର ପରେ ଓଡ଼ିଶାରେ ଦେଶରେ ଅଧିକ ନିବେଶ ହୋଇଛି । ୨୦ ଲକ୍ଷ କୋଟି ନିବେଶ ଓଡ଼ିଶାରେ ହୋଇଛି । ଅପରପକ୍ଷେ ଟେକ୍ସଟାଇଲ୍ କମ୍ପାନୀ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହୀ ଅଛନ୍ତି । ଏରୋସ୍ପେସ ଟେକ୍ନୋଲୋଜି କ୍ଷେତ୍ରରେ ମଧ୍ୟ ନିବେଶ ହୋଇଛି ବୋଲି ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡ଼ିର ଜାତୀୟ ମୁଖପାତ୍ର ସଂତୃପ୍ତ ମିଶ୍ର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ଅନ୍ୟତମ ଜାତୀୟ ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର ମଧ୍ୟ ଉପସ୍ଥିତ ଥିଲେ ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ପୁରୀ ରେଳ ଷ୍ଟେସନ ନିରୀକ୍ଷଣ କଲେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

# ଖଣି ଏବଂ ପୋର୍ଟଗୁଡିକ ପାଇଁ ରେଳ ଲାଇନ ସଂଯୋଗକୁ ପ୍ରାଥମିକତା

**ଭୁବନେଶ୍ୱର, ୧୫/୨ ନ୍ୟୁଜ ବ୍ୟୁରୋ**

ଦୁଇ ଦିନିଆ ଭୁବନେଶ୍ୱର ଗସ୍ତରେ ଆସି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଚାଲୁରହିଥିବା ରେଳ ପ୍ରକଳ୍ପ ଓ ଯାତାୟାତ ସୁବିଧା ସ୍ଥିତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି । ରେଳ ଷ୍ଟେସନଗୁଡିକର ପୁନର୍ବିକାଶ କାର୍ଯ୍ୟ ଗୁଡିକର ଅଗ୍ରଗତି ଓ ସ୍ଥିତି ସହିତ ରାଜ୍ୟରେ ନିର୍ମାଣାଧୀନ ଥିବା ଅତି ଆବଶ୍ୟକ ଓ ଜନକୈନ୍ଦ୍ରିକ ପ୍ରକଳ୍ପ ଗୁଡିକର ଅଗ୍ରଗତିକୁ ଗୁରୁତ୍ୱାରୋପ କରିଥିଲେ ।

ବିଭିନ୍ନ ଖଣିଜ ବେଲ୍ଟ ଅଞ୍ଚଳ ସହିତ ବନ୍ଦର ଏବଂ ଶିଳ୍ପସଂସ୍ଥା ଗୁଡିକୁ ରେଳ ଲାଇନ ସଂଯୋଗ ସମେତ ରାଜ୍ୟରେ



ଅତି ଜରୁରୀ ଏବଂ ଜନକୈନ୍ଦ୍ରିକ ରେଳ ପ୍ରକଳ୍ପର ଅଗ୍ରଗତି ଓ ତତସହିତ ରେଳ ଷ୍ଟେସନ ଗୁଡିକର ପୁନର୍ବିକାଶ ସ୍ଥିତି ସମ୍ପର୍କରେ ସମୀକ୍ଷା ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ପରେ, ସନ୍ଧ୍ୟାରେ ଶ୍ରୀ ବୈଷ୍ଣବ ପୁରୀ ଷ୍ଟେସନ ନିରୀକ୍ଷଣ କରିବା ସହିତ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅଧିକାରୀ ମାନଙ୍କ ଠାରୁ ପଚାରି ବୁଝିଥିଲେ । ଏହି ସମୀକ୍ଷା ବୈଠକରେ ବୈଷ୍ଣବ ପାୱାର ପ୍ଲାଣ୍ଟ ସହିତ ବିଭିନ୍ନ ବନ୍ଦର ଏବଂ ଶିଳ୍ପକୁ ଶୀଘ୍ର କୋଇଲା ପରିବହନ ଉପରେ ଗୁରୁତ୍ୱାରୋପ କରିଥିଲେ। ବନ୍ଦର ଏବଂ ଶିଳ୍ପ ସହିତ ଖଣିଜ ବେଲ୍ଟ ସହିତ ରେଳ ଲାଇନ ସଂଯୋଗ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ପ୍ରସ୍ତାବିତ ତିନୋଟି ପଣ୍ୟ ପରିବହନ କରିଡରର ପ୍ରାୟ ୪୦ ହଜାର କିଲୋମିଟରର ରେଳ ଲାଇନ ବିସ୍ତାର ସମ୍ପର୍କରେ ସେ ଅଗ୍ରାଧିକାର ଦେଇଛନ୍ତି ଯାହା ଦ୍ୱାରା ଯାତ୍ରୀବାହୀ ଟ୍ରେନରେ ବାଧା ସୃଷ୍ଟି ନକରି ପଣ୍ୟ ପରିବହନ ତ୍ୱରାନ୍ୱିତ ହୋଇପାରିବ ।

ଏହା ବ୍ୟତୀତ ଭୁବନେଶ୍ୱର, କଟକ ଏବଂ ପୁରୀ ରେଳ ଷ୍ଟେସନର ପୁନର୍ବିକାଶ ପାଇଁ ଚାଲୁରହିଥିବା ନିର୍ମାଣ କାର୍ଯ୍ୟ ଅଗ୍ରଗତି ଆଶାଠାରୁ ଅଧିକ ଅଛି ବୋଲି ଅନୁଭବ କରି ଅଧିକାରୀ ମାନଙ୍କୁ ପ୍ରଶଂସା କରିଥିଲେ । ପରେ ସନ୍ଧ୍ୟାରେ ଶ୍ରୀ ବୈଷ୍ଣବ ପୁରୀ ରେଳ ଷ୍ଟେସନ ଯାଞ୍ଚ କରି ଅଗ୍ରଗତିର ଆକଳନ କରିଥିଲେ ଏବଂ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସମୀକ୍ଷା ବୈଠକରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମାଙ୍କ ସହିତ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ପି ଶ୍ରୀନିବାସ, ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍. ବଜୱାଙ୍କ ସମେତ ରେଳପଥର ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆରମ୍ଭ ହେଲା ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ-୨୦୨୪

# ଖଣି ରାଜସ୍ୱ ଦେବାରେ ଓଡ଼ିଶା ଦେଶରେ ଏକ ନମ୍ବର

**ଭୁବନେଶ୍ୱର, ୧୫/୨ ନ୍ୟୁଜ ବ୍ୟୁରୋ**

ପୁଞ୍ଜିନିବେଶର ପ୍ରଥମ ପସନ୍ଦ ଓଡ଼ିଶା। ଡିସେମ୍ବରରେ ମେକ୍-ଇନ୍-ଓଡ଼ିଶା ଚତୁର୍ଥ ସଂସ୍କରଣ । ଗୁରୁବାର ଭୁବନେଶ୍ୱରରେ ଉଦ୍‌ଘାଟିତ ହୋଇଛି ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ-୨୦୨୪ । ସମ୍ମିଳନୀରେ ଜାପାନ, ୟୁରୋପ ଓ ସାର୍କ ଦେଶରୁ ପ୍ରତିନିଧି ଯୋଗ ଦେଇଛନ୍ତି । ଖଣିଜ ଉତ୍ତୋଳନରେ ବ୍ୟାଟେରୀ ଚାଳିତ ହେଭି ମେସିନ୍ ଶୋ କେସିଂ ସହ ବିଭିନ୍ନ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରଦର୍ଶିତ ହୋଇଛି । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ମହିଳା ଉଦ୍ୟୋଗୀ ସମ୍ବର୍ଦ୍ଧିତ ହୋଇଛନ୍ତି । ମେକ୍-ଇନ୍-ଓଡ଼ିଶାର ୩ଟି ସଂସ୍କରଣରେ ରାଜ୍ୟକୁ ୨୧ ଲକ୍ଷ ୪୮ ହଜାର କୋଟିର ପ୍ରସ୍ତାବ ଆସିଛି । ସେଥିରୁ ୧୦ ଲକ୍ଷ ୫୦ ହଜାର କୋଟିର ଗ୍ରାଉଣ୍ଡ ବ୍ରେକିଂ ହୋଇସାରିଛି




। ଡିସେମ୍ବରରେ ହେବାକୁ ଥିବା ଚତୁର୍ଥ ସଂସ୍କରଣରେ ଆହୁରି ଅଧିକ ପୁଞ୍ଜି ରାଜ୍ୟକୁ ଆସିବ । ଗୁରୁବାର ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ-୨୦୨୪ ଉଦ୍‌ଘାଟନୀ ଅବସରରେ ଏହି ସୂଚନା ଦେଇଛନ୍ତି ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ । ଖଣି ରାଜସ୍ୱ ଦେବାରେ ଓଡ଼ିଶା ଦେଶରେ ଏକ ନମ୍ବର । ଭାରତର ମୋଟ ଖଣିଜ ଉତ୍ପାଦନର ପ୍ରାୟ ଅଧା ଅଂଶ ରାଜ୍ୟ ଦେଉଛି । ଭୁବନେଶ୍ୱର ବରମୁଣ୍ଡା ପଡିଆରେ ଅନୁଷ୍ଠିତ ହେଉଥିବା ୪ ଦିନିଆ ଏହି ବାଣିଜ୍ୟ ଶୋ'ରେ ଅକ୍ଷୟ ଶକ୍ତି ଓ ବ୍ୟାଟେରୀ ବ୍ୟବହାର କରି ହେଭି ମେସିନର ଶୋ' କେସିଂ କରାଯାଇଛି । ବିନା ଶୁଳ୍କରେ ଦିନ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ସାଧାରଣ ଲୋକେ ଏହି ପ୍ରଦର୍ଶନୀ ଦେଖିପାରିବେ । ସବୁ କ୍ଷେତ୍ରରେ ମହିଳା କିପରି ସଶକ୍ତ ହେବେ ସେ ନେଇ ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଇ ଆସିଛନ୍ତି। ଓଡ଼ିଆ ମହିଳା ଉଦ୍ୟୋଗୀ ଏବେ ଅନ୍ତର୍ଜାତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିପାରିଛନ୍ତି । ପୂର୍ବରୁ ଖଣି ଶିଳ୍ପରେ ମହିଳାଙ୍କ ଭାଗିଦାରୀ ଦେଖିବାକୁ ମିଳୁ ନଥିଲା । ଓଡ଼ିଶାରେ ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି । ମାଇନିଂ କ୍ଷେତ୍ରରେ ଓଡ଼ିଶାର ମହିଳା ହେଭି ମେସିନ୍ ଚଳାଇ ଦେଶରେ ଉଦାହରଣ ସୃଷ୍ଟି କରିପାରିଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁଁ ଓଡ଼ିଶାର ମହିଳା ଏବେ ବହୁରାଷ୍ଟ୍ରୀୟ କମ୍ପାନୀରେ ଉଚ୍ଚ ପଦ ପଦବୀରେ ଅବସ୍ଥାପିତ ହୋଇପାରିଛନ୍ତି । ମହିଳାଙ୍କ ପ୍ରତିନିଧିତ୍ୱ ନେଇ ଓଡ଼ିଶା ସରକାର ଯେତେ ଆନ୍ତରିକତା ଦେଖାଇଛନ୍ତି ତାହା ଅନ୍ୟ କୌଣସି ରାଜ୍ୟରେ ଦେଖିବାକୁ ମିଳେନା ବୋଲି କହିଛନ୍ତି ମହିଳା ଏଣ୍ଟରପ୍ରିନ୍ୟୁୟୋର ।

## କଟକରେ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**କଟକ,୧୫ /୨ ନ୍ୟୁଜ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଗୁରୁବାର ଅପରାହ୍ଣରେ କଟକ ଗସ୍ତ ପୂର୍ବକ ସିଡିଏକୁ ସଂଯୋଗ କରୁଥିବା ପେଟାନାଳ ସମେତ ବିଜୁ ପଟ୍ଟନାୟକ ପାର୍କର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ, ମା' କଟକ ଚଣ୍ଡୀ ମନ୍ଦିରର ଉନ୍ନତିକରଣ, ନେତାଜୀ ଜନ୍ମସ୍ଥାନ ଓ ସଂଗ୍ରହାଳୟ ନିକଟସ୍ଥ ପୁରାତନ ଜେଲ୍ ପରିସରରେ ନିର୍ମାଣଧିନ ପ୍ରକଳ୍ପ,ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସମ୍ପ୍ରସାରିତ ଅତ୍ୟାଧୁନିକ ତଥା ବିଶ୍ୱସ୍ତରୀୟ ପ୍ରକଳ୍ପ, ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ ଉନ୍ନତିକରଣ ପ୍ରକଳ୍ପ ଏବଂ ତାଳଦଣ୍ଡା କେନାଲ ସୌନ୍ଦର୍ଯ୍ୟକରଣ ଓ ଉନ୍ନତିକରଣ ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରିଥିଲେ। ନିର୍ମାଣାଧିନ ପ୍ରକଳ୍ପର ଅଗ୍ରଗତି ଅନୁଧ୍ୟାନ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେସବୁକୁ ଶେଷ କରିବା ଓ ପରବର୍ତ୍ତୀ ସମୟରେ ଏହାର ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦେବାକୁ ସେ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ।

# ଭିଜିଲାନ୍ସ ଜାଲରେ ଫସିଲେ କୋଟିପତି ପରିବହନ ଅଧିକାରୀ

**ଭୁବନେଶ୍ୱର, ୧୫/୨ ନ୍ୟୁଜ ବ୍ୟୁରୋ**

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅଭିଜିଲାନ୍ସ ଜାଲରେ ପଡିଛନ୍ତି କୋଟିପତି ବୌଦ୍ଧ ପରିବହନ ଅଧିକାରୀ ବସନ୍ତ ମହାପାତ୍ର। ଆରଟିଓ ବସନ୍ତ ମହାପାତ୍ରଙ୍କ ଘରେ ଚାଲିଛି ଭିଜିଲାନ୍ସ ରେଡ୍। ଏକକାଳୀନ ୧୦ଟି ସ୍ଥାନରେ ଚଢଉ ହୋଇଛି। ବସନ୍ତଙ୍କ ଅଫିସ, ଭଞ୍ଜନଗର ସ୍ଥିତ ପୈତୃକ ଘର, ବୌଦ୍ଧ ଜଗନ୍ନାଥ ବିହାର ସ୍ଥିତ ଭଡାଘର ସମେତ ଭୁବନେଶ୍ୱର ଓ ଗଞ୍ଜାମର ବିଭିନ୍ନ ସ୍ଥାନରେ ରେଡ୍ ହୋଇଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢଉ କରିଛି ଭିଜିଲାନ୍ସ। ଭୁବନେଶ୍ୱର ପାହାଳରେ ଉତ୍କଳ ସିଗ୍ନେଚରର ଗୋଟଏ ରୁମ୍, ଉତ୍କଳ କନିକା ଗ୍ୟାଲେରିଆର ସପିଂ କମ୍ପ୍ଲେକ୍ସ, କଳାରାହଙ୍ଗର ଜେଡ୍ ୱାନ ଆପାର୍ଟମେଣ୍ଟ, କଞ୍ଚନାର ଉତ୍କଳ ରୟାଲ ରେସିଡେନ୍ସିର ଫ୍ଲାଟ, ଶୈଳଶ୍ରୀ ବିହାର ଏବଂ ରଙ୍ଗମାଟିଆର ଆପାର୍ଟମେଣ୍ଟରେ ମଧ ଚଢ଼ଉ ହୋଇଛି। ଏହି ଚଢଉ ସମୟରେ ତାଙ୍କ ଠାରୁ ୧ଲକ୍ଷ ୧୬ହଜାର ୭୦୦ ଟଙ୍କା ନଗଦ ଜବତ କରାଯାଇଛି। ଏହାଛଡା ବିଭିନ୍ନ ବ୍ୟାଙ୍କରେ ଥିବା ତାଙ୍କର ଆକାଉଣ୍ଟରେ କୋଟି କୋଟି ଟଙ୍କା ଜମାଥିବା ଜଣାପଡିଛି। ସେହିପରି ବିଭିନ୍ନ ବ୍ୟାଙ୍କ, ପୋଷ୍ଟାଲ, ଇନ୍ସ୍ୟୁରାନ୍ସ ଏବଂ ଅନ୍ୟାନ୍ୟ ସ୍ଥାନରେ ସ୍ଥାୟୀ ଜମାରାଶି ଥିବା ଭିଜିଲାନ୍ସ ଟିମ୍ ପକ୍ଷରୁ ଠାବ କରାଯାଇଛି। ଏହି ଚଢଉରେ ୨ ଜଣ ଅତିରିକ୍ତ ଏସପିଙ୍କ ସମେତ ୬ ଜଣ ଲେଖାଏ ଡିଏସପି ଓ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ଅଧିକାରୀ ସାମିଲ ଅଛନ୍ତି।



# ଆଜିଠୁ ଆରମ୍ଭ ହେବ ଖଣ୍ଡଗିରି କୁମ୍ଭମେଳା

**ଭୁବନେଶ୍ୱର, ୧୫/୨ ନ୍ୟୁଜ ବ୍ୟୁରୋ**

ଶୁକ୍ରବାର ଠାରୁ ଆରମ୍ଭ ହେବ ପ୍ରସିଦ୍ଧ ଖଣ୍ଡଗିରିରେ ମାଘସପ୍ତମୀ କୁମ୍ଭମେଳା । ନାମ, ଧ୍ୱନି, ସଂକୀର୍ତ୍ତନରେ କୋଳାହଳ ହେବ ଖଣ୍ଡଗିରି ଗୁମ୍ଫା । ବାବାଙ୍କ ଆଖଡାରୁ ଦେବସଭା ସବୁଠି ଚଳଚଞ୍ଚଳ। ରାଜ୍ୟ ତଥା ରାଜ୍ୟ ବାହରର ସାଧୁସନ୍ଥ ଏବେ ଭୁବନେଶ୍ୱରରେ ଡେରା ପକାଇଲେଣି । ପାହଡର ପାଦ ଦେଶରୁ ଉପର ଯାଏଁ ପରିମଳ, ସଫେଇ, ସୌନ୍ଦର୍ଯ୍ୟକରଣ, ସ୍ୱଚ୍ଛତା ଉପରେ ଫୋକସ କରିଛି ବିଏମସି । ଆଲୋକୀକରଣ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ ନେଇ ରୋଡ ମ୍ୟାପ ପ୍ରସ୍ତୁତ ହୋଇଛି । ଖଣ୍ଡଗିରି ଛକରୁ ପାହଡ ପର୍ଯ୍ୟନ୍ତ କିଭଳି



ଭିଡ ନ ହେବ ସେ ନେଇ ପୋଲିସ ସହିତ ଆଲୋଚନା ହୋଇଛି। ସିସିଟିଭି ଓ ପାର୍କିଂ ନେଇ ପ୍ଲାନ କରିଛି ବିଏମସି । ଏକ ହଜାରରୁ ଅଧିକ ସାଧୁସନ୍ଥ ଆସିବା ନେଇ ଯୋଜନା ହୋଇଛି । ବାବା ଓ ସାଧୁସନ୍ଥଙ୍କ ସ୍ୱତନ୍ତ୍ର ଭାବରେ ଟେଣ୍ଟ ବନ୍ଧା ହୋଇଛି। ପାହାଡ଼ ଉପରେ ଥିବା ଦେବସଭା ଅଞ୍ଚଳ ସାଧୁ ମାନେ ସଫା କରିଛନ୍ତି । ଉତ୍କଳ ପଞ୍ଚଶାଖା ଭାଗବତ ଆଖଡା ପକ୍ଷରୁ ୯ ଦିନ ଧରି ହେବାକୁ ଥିବା ମେଳାରେ ଏକ ହଜାରରୁ ଅଧିକ ସାଧୁସନ୍ଥ ଯୋଗ ଦେଇ ଆଧ୍ୟାତ୍ମିକ ଦିଗଦର୍ଶନ, ଐତିହ, ସଂସ୍କୃତି ଓ ପରମ୍ପରାର ଉପରେ ଜନ ସଚେତନା ସୃଷ୍ଟି କରିବେ। ବେଦପାଠ ସହିତ ଜାଗମରା ଠାରୁ ଖଣ୍ଡଗିରି ପର୍ଯ୍ୟନ୍ତ ସଂକୀର୍ତ୍ତନ ଓ କଳସ ଶୋଭାଯାତ୍ରା କରାଯିବ। ପ୍ରତିଦିନ ସନ୍ଧ୍ୟା ଧର୍ମ ଆଲୋଚନା, ପ୍ରବଚକ, ବିଶିଷ୍ଟ ଗବେଷକଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହେବ।

## ଏବେ ବଜାରରେ ଉପଲବ୍ଧ...

## 'କଥାକଳିକା' ଫେବୃଆରୀ -୨୦୨୪ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଜିରୋନାଇଟ୍ : ମନୋଜ କୁମାର ମହାପାତ୍ର।
**ସମକାଳର କଥା :** ଶୋକାର୍ତ୍ତ ସମୟ-କ୍ଷୀରୋଦ ଦାସ, ରଣ ଶୁଝିବା ଦିନ- ମଧୁମିତା ମହାନ୍ତି, ରେବତୀ- ସୀମାଞ୍ଚଳ ଦାଶ, ପଞ୍ଚମ ଦୁର୍ଘଟଣା- ଦାଶରଥି ଭୂୟାଁ, ରିକ୍ସାବାଲା- ସୁଷମା ପରିଜା।
**ଅନ୍ୟଭାଷାର କଥା :** ଆରଣ୍ୟକ ବିଭୂତି ଭୂଷଣ - ପ୍ରଦୀପ୍ତ ଶ୍ରୀଚନ୍ଦନ।
**ଯୁବ ମାନସର କଥା :** ପାଉଁଜି-ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଚାନ୍ଦିନୀ-ଯଶୋବନ୍ତ ସେଠୀ, ଜଟିଆ ବାବାଙ୍କ ଜଟାଛିଡା ଉପାଖ୍ୟାନ- କିଶୋରଚନ୍ଦ୍ର ଜେନା, ଦେବୀ ପକ୍ଷ- ନିରୂପମାକର, ଉଠ, ଜାଗ- ସୁନାକର ସାହୁ, ମାଳି- ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଅବ୍ୟକ୍ତ ଯନ୍ତ୍ରଣା- ପୁଷ୍ପାଞ୍ଜଳି ସାହୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)